**ସତ୍ୟସାଇଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା**

କୋରାପୁଟ,(ଅମିତାଭ ବେହେରା)- ସତ୍ୟସାଇଙ୍କର ଶତବାର୍ଷିକୀ ଜୟନ୍ତୀ କୋରାପୁଟ ସତ୍ୟସାଇ ସମିତି ପକ୍ଷରୁ ସୋମବାର ପାଳିତ ହେଇଛି। ଏହି ଅବସରରେ ସତ୍ୟସାଇଙ୍କ ଦିବ୍ୟ ପାଦୁକା ଯାତ୍ରା ରଥ ସହର ପରିକ୍ରମା କରିଛି। ସତ୍ୟସାଇ ଅବତାରର ଧରାବତରଣର ଶତବାର୍ଷିକୀ ଉପଲକ୍ଷେ ୨୦୨୨ ଗୁରୁପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ପାଦୁକାଯାତ୍ରା ୨୦୨୫ ସତ୍ୟସାଇଙ୍କ ଜନ୍ମ ଦିବସ ପର୍ଯ୍ୟନ୍ତ ରାଜ୍ୟ ସତ୍ୟସାଇ ସେବା ସମିତି ପକ୍ଷରୁ ରାଜ୍ୟବ୍ୟାପୀ ଏହା ଚାଲିବ। ରାଜ୍ୟ ସତ୍ୟସାଇ ସେବା ସମିତି ଆବାହକ ଅରୁଣ ପାତ୍ର, ରାମଚନ୍ଦ୍ର ରାଓ ଏବଂ କୋରାପୁଟ ସତ୍ୟସାଇ ସେବା ସମିତିର ସଭାପତି ଉମାଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ କୋରାପୁଟଠାରେ ଏହି ଶୋଭାଯାତ୍ରା ହୋଇଥିଲା।

## ସଂକ୍ଷେପରେ

### ତରୁଣ ପ୍ରଜ୍ଞାଭାରତୀ ପକ୍ଷରୁ ପ୍ରତିଯୋଗିତା



ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)

ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନର ସୂର୍ଯ୍ୟ ନମସ୍କାର, ଯୋଗାସନ, ଦଣ୍ଡଚାଳନା ଓ ଶଙ୍ଖବାଦନ ପ୍ରତିଯୋଗିତା ନାରାୟଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସାଧାରଣ ବର୍ଗର ମହିଳା ପୁରୁଷ ଯୋଗଦେଇ ଅଂଶଗ୍ରହଣ କରିଥିଲେ। ତରୁଣ ପ୍ରଜ୍ଞା ଭାରତୀର ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର, ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା, ରବୀନ୍ଦ୍ର ମହାରଣା, ପ୍ରମୋଦ ରାଉଳ, ସୁବାସ ପଣ୍ଡା, ଲିପିକା ଦଳେଇ, ବବିତା ମହାରଣା, ମାମିନି ଦାସ, କବିତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିଚାରକ ଭାବେ କୃଷ୍ଣ ରାଓ ଦୋରା, ତିରୁପତି ପାତ୍ର, ରାମ ପ୍ରସାଦ ଦୋରା, ଭାଗୀରଥି ପାଣି, ଜାନକୀ ପାଣିଗ୍ରାହୀ, ସବିତା ତ୍ରିପାଠୀ, ସୁସ୍ମିତା ରଥ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ୧୭।୧୨।୨୩ରେ ଅନୁଷ୍ଠାନର ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସଭାପତି ମିଶ୍ର କହିଛନ୍ତି।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ହାଡିଆଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ସହ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର ,ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ. ନିସା, ସରପଞ୍ଚ, ସମିତିସଭ୍ୟାସଭ୍ୟ, ଜିଆରଏସ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ, ହର୍ଟିକଲଚର, କୃଷି ବିଭାଗ, ଯୋଗାଣ ସହାୟକ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଉପସ୍ଥିତ ଗ୍ରାମବାସୀ ନିଜ ଅଭିଯୋଗ ଜଣାଇଥିଲେ। ଅଭିଯୋଗଗୁଡିକ ସମ୍ପର୍କରେ ଅଧିକାରୀମାନେ ଶୁଣାଣି କରି ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଅନୁଷ୍ଠିତ ମାଗଣା ସ୍ୱାସ୍ଥ୍ୟସେବା ଶିବିରରେ ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲେ।

### ଚୋରା ମଦ ଚାଲାଣ ବେଳେ ଚଢ଼ାଉ, ୪ ଗିରଫ

ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ସୋମବାର ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଢେପଗୁଡାର ମଞ୍ଜୁଳା ନାଗ, ସୁନାନଗର ଗ୍ରାମର ରାମଚନ୍ଦ୍ର ଜାନି, କୁନ୍ତରଖାଲର ବିଭୀଷଣ ହରିଜନ ଓ ବାଲିଆର ତ୍ରିନାଥ ବେହେରା । ଅଭିଯୁକ୍ତମାନେ ମଦ ଚୋରା ଚାଲାଣ କରୁଥିବା ସୂଚନା ପାଇ ଅବକାରୀ କର୍ମଚାରୀମାନେ ବିଭିନ୍ନ ଜାଗାରେ ଚଢାଉ କରି ସେମାନଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୪୪ ଲିଟର ଦେଶୀ ମଦ ଜବତ କରାଯାଇଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି ।

# ପ୍ରଶାସନ ଶୁଣିଲାନି ରାସ୍ତା ତିଆରି କଲେ ଗ୍ରାମବାସୀ

କୋରାପୁଟ,୧୩।୧୧(ଅମିତାଭ ବେହେରା)

ଶୁଣିଲାନି ପ୍ରଶାସନ ହାତରେ କୋଡ଼ି କୋଦାଳ ଧରି ଗ୍ରାମର ଛୋଟ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ରାସ୍ତା ତିଆରି କରଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ପୌର ପରିଷଦ ୧୬ ନମ୍ବର ୱାର୍ଡର ଚିନ୍ଦ୍ରିମାଳିଗୁଡା ଗ୍ରାମରେ। କୋରାପୁଟ ସହରଠାରୁ ମାତ୍ର ୩ କି.ମି.ଦୂରରେ ଥିବା ଚିନ୍ଦ୍ରିମାଳିଗୁଡା ଗ୍ରାମରେ ୬୦ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଗ୍ରାମରୁ ସହରକୁ ନିଜ ବିଭିନ୍ନ କାର୍ଯ୍ୟରେ ଯିବା ଲାଗି ଭଲ ରାସ୍ତାଟିଏ ନାହିଁ। ସାଧାରଣତଃ ଚାଷ କାର୍ଯ୍ୟ ଓ କୁଲି ବୃତ୍ତି ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଖରାପ ହୋଇଯାଇଥିବା ରାସ୍ତା ଉପରେ ନିର୍ଭର କରନ୍ତି। କେବଳ ଗ୍ରାମବାସୀ ନୁହନ୍ତି ଏହି ରାସ୍ତା ଦେଇ ସ୍କୁଲ କଲେଜକୁ ଯାଉଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଶୋଚନୀୟ ରାସ୍ତା ଯୋଗୁ ଗ୍ରାମକୁ



ଗ୍ରାମବାସୀ ରାସ୍ତା ନିର୍ମାଣ କରୁଛନ୍ତି ।

ଆମ୍ବୁଲାନ୍ସ ଆସି ପାରୁ ନାହିଁ। ଫଳରେ ଆବଶ୍ୟକ ସମୟରେ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି ବୋଲି ଗ୍ରାମବାସୀ ମୁକ୍ତା ମାଳି, କୌଶଲ୍ୟା ମାଳି, ତୁଳାମଣି ମାଳି ପ୍ରକାଶ କରିଛନ୍ତି । ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ବାରମ୍ବାର ପୌର ପରିଷଦଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଶେଷରେ ଗ୍ରାମବାସୀ ବାଧ୍ୟ ହୋଇ ନିଜ ରାସ୍ତା ନିଜେ ନିର୍ମାଣ କରିବା ପାଇଁ ଏକାଠି ହୋଇଥିଲେ। ସମସ୍ତେ ମିଳିମିଶି ରାସ୍ତା ତିଆରି କରିଥିଲେ। ରାସ୍ତାପାଇଁ ଆଗାମୀ ସାଧାରଣ ନିର୍ବାଚନ ସେମାନେ ବର୍ଜନ କରିବେ ବୋଲି ଗ୍ରାମବାସୀ ଭକ୍ତ ନାୟକ, ଡମ୍ବରୁଧର ମାଳି, ରବି ମାଳି, ଭକ୍ତ ନାୟକଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି । ଏ ନେଇ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କୁ ପଚାରିବାରୁ ସେ କହିଲେ, ଗ୍ରାମକୁ ରାସ୍ତା ନିର୍ମାଣ ନେଇ ସେ ରହିଥିବା କିଛି ଜମି ସମସ୍ୟା ସମ୍ପର୍କରେ ଜମି ମାଲିକଙ୍କ ଆଲୋଚନା କରିବେ। ଖୁବ ଶୀଘ୍ର ରାସ୍ତା ନିର୍ମାଣ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ରାସ୍ତା ନିର୍ମାଣ ନେଇ ରହିଥିବା ଜମି ସମସ୍ୟା ସମାଧାନକରିବାକୁ ଜମି ମାଲିକମାନେ ନିଜ ଜମି ଛାଡିବାକୁ ରାଜି ଥିବା ପ୍ରକାଶ କରିଛନ୍ତି।

# ଗିର୍ଲିଗୁମ୍ମା-ଦୁଆରିଶୁଣି ପୋଲ ନିର୍ମାଣ ନେଇ ଭିତ୍ତିପ୍ରସ୍ତର



ବିଧାୟକ ପ୍ରଭୁ ଜାନି ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଦଶମନ୍ତପୁର,୧୩।୧୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆରଶୁଣି ପଞ୍ଚାୟତର ଜଟିଆଗୁଡ଼ା ଗ୍ରାମ ନିକଟସ୍ଥ ପ୍ରବାହିତ ମୁରାନ ନଦୀରେ ନୂତନ ପୋଲ ନିର୍ମାଣ ନେଇ ସୋମବାର ବିଧାୟକ ପ୍ରଭୁ ଜାନି ମୁଖ୍ୟଅତିଥି ରୂପେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବ୍ଲକ ବିଜେଡି ସଭାପତି ମହେନ୍ଦ୍ର କୁଳଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ଜାନି, ଉପାଧ୍ୟକ୍ଷ ଅରୁଣ ଚେଟ୍ଟି, ବିଧାୟକଙ୍କ ପ୍ରତିନିଧି ନାରାୟଣ ବିଶୋୟୀ, ଗିର୍ଲିଗୁମ୍ମା ପଞ୍ଚାୟତ ସଭାପତି ତପନ ହିଆଲ, ଚିତ୍ତରଞ୍ଜନ ହିଆଲ, ଗୟା ନାୟକ, ନିମନ ଖରା, ଧନୁ ବିଶୋୟୀ, ଅନନ୍ତ ଖରାଙ୍କ ସମେତ ୧୬ ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ମୁରାନ ନଦୀ ଯୋଗୁ ଦଶମନ୍ତପୁର ବ୍ଲକବାସୀଙ୍କ ସମେତ ରାୟଗଡା, ନବରଙ୍ଗପୁର ଜିଲାବାସୀ ଏବଂ ଛତିଶଗଡର ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିଲେ। ନଦୀ ଉପରେ ପୋଲଟିଏ ନିର୍ମାଣ କରିବାକୁ ପଞ୍ଚାୟତ ସଭାପତି ତପନ ହିଆଲ, ପୂର୍ବତନ ସରପଞ୍ଚ ଚିତରଞ୍ଜନ ଖୋସ୍ଲାଙ୍କ ସହ ପଞ୍ଚାୟତବାସୀ ବିଭିନ୍ନ ସମୟରେ ପ୍ରଶାସନଠାରେ ଦାବି କରି ଆସୁଥିଲେ।

# ମନ୍ଦିର ପୂଜକଙ୍କ ହତ୍ୟା ଘଟଣାରେ ୨ ମହିଳାଙ୍କ ସମେତ ୭ ଗିରଫ

କୋରାପୁଟ,୧୩।୧୧(ଅମିତାଭ ବେହେରା)

**ଘରେ କାମ କରୁଥିବା ମହିଳା ସାଜିଥିଲେ ମାଷ୍ଟର ମାଇଣ୍ଡ**

କୋରାପୁଟ ସହରର ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପୂଜକ ରମେଶ ତ୍ରିପାଠୀଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୨ ମହିଳାଙ୍କ ସମେତ ୭ ଜଣଙ୍କୁ ରବିବାର ଟାଉନଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ପ୍ରତାପ ଟାକ୍ରି, କିଷାନ ବାଗ, ନରାଜ ବେନିୟା, ମହେନ୍ଦ୍ର ପାଣିଗ୍ରାହୀ, ରମା ଗୌଡ଼, ସରସ୍ୱତୀ ଜାନି, ଅଶୋକ ରାୟ। ଏହି ଘଟଣାର ମାଷ୍ଟରମାଇଣ୍ଡ ତାଙ୍କ ଘରେ କାମ କରୁଥିବା ଜଣେ କାମବାଲି ବୋଲି ଜଣାପଡିଛି। ରମେଶ ସରକାରୀ ଚାକିରିରୁ ଅବସର ନେବା ପରେ ବୁଢ଼ୀ ଠାକୁରାଣୀ ମନ୍ଦିର ପୂଜକ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ସ୍ତ୍ରୀ ଓ ଦୁଇ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋଟେ ମାତ୍ର ଝିଅ ଭବାନୀପାଟଣାରେ ବିବାହ କରି ସେଠାରେ ରହୁଛନ୍ତି । ରମେଶ ଏକାକୀ ଏଠାରେ ଘରେ ରହୁଥିବା ବେଳେ ଘର କାମ କରିବା ପାଇଁ ଜଣେ ସରସ୍ୱତୀ ଜାନୀ ନାମ୍ନୀ ମହିଳାଙ୍କୁ ରଖିଥିଲେ । ସରସ୍ୱତୀ ଦୀର୍ଘ ଦିନ ଧରି ତାଙ୍କ ଘରର ସମସ୍ତ କାର୍ଯ୍ୟ କରି ଆସୁଥିଲେ। ରମେଶଙ୍କ ଟଙ୍କା ଓ ଅନ୍ୟ ଜିନିଷ ଉପରେ ସରସ୍ୱତୀଙ୍କ ନଜର ପଡିଥିଲା । ରମେଶଙ୍କୁ ରାସ୍ତାରୁ ହଟାଇ ସେସବୁ ହାସଲ କରିବା ପାଇଁ ସରସ୍ୱତୀ ଯୋଜନା କରିଥିଲେ। ସେ ଓ ତାଙ୍କ ସହଯୋଗୀ ମିଶି ରମେଶଙ୍କ ଗୋଡ଼ ହାତ ବାନ୍ଧି ହତ୍ୟା କରିଥିଲେ । ହତ୍ୟା କରିବା ପରେ ତାଙ୍କ ମୋବାଇଲକୁ ପୋଡି ଦେଇଥିଲେ । ରମେଶଙ୍କ ଘରୁ ସୁନା, ରୁପା ସମେତ ଟଙ୍କା ଲୁଟି ନେଇଥିଲେ । ଗତ ୮ ତାରିଖ ସକାଳେ ଘଟଣା ସମ୍ପର୍କରେ ପୋଲିସ ଖବର ପାଇବା ପରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଏହି ସମୟରେ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସ୍ପଷ୍ଟ ହୋଇଥିଲା। ପରେ ତଦନ୍ତକୁ ଜୋରଦାର କରି ରମେଶଙ୍କ ଘରେ କାମ କରୁଥିବା କାମବାଲି ସରସ୍ୱତୀଙ୍କ ମୋବାଇଲକୁ ଟ୍ରାକ କରି ଉପରୋକ୍ତ ୭ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନଙ୍କଠାରୁ ମନ୍ଦିର ଠାକୁରାଣୀଙ୍କ ସୁନା, ରୁପା, ୬ଟି ମୋବାଇଲ ସମେତ ନଗଦ ୧୫ ହଜାର ଟଙ୍କା ପୋଲିସ ଜବତ କରିଛି । ଗିରଫ ବ୍ୟକ୍ତିମାନଙ୍କୁ ରବିବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶ୍ରାବଣୀ ନାୟକ କହିଛନ୍ତି। ଏହି ସମୟରେ ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିଷ୍ଣୁ ଚରଣ ବେହେରା ଏବଂ ସୁଲୋଚନା ପ୍ରଧାନ ଉପସ୍ଥିତ ଥିଲେ।



ଗିରଫ ୭ ଅଭିଯୁକ୍ତଙ୍କ ସମ୍ପର୍କରେ ଏସଡିପିଓ ସୂଚନା ଦେଉଛନ୍ତି।

# ଠିକା ସଂସ୍ଥା ଦ୍ୱାରା ହୋଇଥିବା ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

-ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଦାବିପତ୍ର

-ଦାବି ନ ଶୁଣିଲେ ୨୫ରୁ ଆନ୍ଦୋଳନ

କୋରାପୁଟ,୧୩।୧୧(ଅମିତାଭ ବେହେରା)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭୁବନେଶ୍ୱରର ଅଭିରାମ କେୟାର ଟେକିଂ ଏବଂ ଏକ୍ସପର୍ଟ ଠିକା ସଂସ୍ଥା ସଫେଇ କର୍ମଚାରୀ, ସୁରକ୍ଷା କର୍ମୀ, ସୁପରଭାଇଜର ଓ ଆଟେଣ୍ଡାଣ୍ଟ ନିଯୁକ୍ତ କରି କାର୍ଯ୍ୟ କରାଉଛି। ଏହି ସଂସ୍ଥା ନିକଟରେ ନୂତନ ନିଯୁକ୍ତି ନେଇ ବିଜ୍ଞାପନ ବାହାର କରି ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ସମୟରେ ମେଡିକାଲରେ କାର୍ଯ୍ୟ କରୁଥିବା ପୁରାତନ କର୍ମଚାରୀଙ୍କୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଏଥିରେ ଅନିୟମିତତା ହୋଇଥିବା ପୁରାତନ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ନିକଟକୁ ଏକ ଦାବିପତ୍ର ପଠାଇଥିବା କର୍ମଚାରୀ ରଘୁନାଥ ମାଝୀ କହିଛନ୍ତି। ପୂର୍ବରୁ ନିଯୁକ୍ତି ପାଇଁ ଅନେକଥର ଆନ୍ଦୋଳନ କରାଯାଇଥିଲା। ସେହି ସମୟରେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ମେଡିକାଲ କଲେଜ କର୍ତ୍ତୃପକ୍ଷ ନୂତନ ନିଯୁକ୍ତି ବାହାରିଲେ ପୁରାତନ କର୍ମଚାରୀମାନଙ୍କୁ ପ୍ରାଧାନ୍ୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଠିକାସଂସ୍ଥା ବିଜ୍ଞାପନ ବାହାରକରି ୫୭ ସଫେଇ କର୍ମଚାରୀ, ୮ ସୁପରଭାଇଜର, ୫୪ ସୁରକ୍ଷା କର୍ମୀ ଏବଂ ୱାର୍ଡ ଆଟେଣ୍ଡାଣ୍ଟ ୨୮ ପଦବୀରେ କୋରାପୁଟ ଆସି ନିଯୁକ୍ତି ପ୍ରକ୍ରିୟା ଶେଷ କରିଛି। କାର୍ଯ୍ୟ କରୁଥିବା ପୁରାତନ କର୍ମଚାରୀମାନଙ୍କୁ ପ୍ରତିଶ୍ରୁତି ଅନୁଯାୟୀ ସୁଯୋଗ ମିଳିନି। ଏହି ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରି ପୁଣି ନୂତନ ନିଯୁକ୍ତି କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ଯଦି ଦାବି ପୂରଣ ନ ହୁଏ ତେବେ ଆସନ୍ତା ୨୫ ତାରିଖରେ ପୁରାତନ ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ କରି ହସ୍ପିଟାଲ ସମ୍ମୁଖରେ ଧାରଣା ଦେବୁ ବୋଲି ସେମାନେ କହିଛନ୍ତି।

# ଗ୍ରାମୀଣ ବଜାର ଗୃହ ଉଦ୍‌ଘାଟିତ



ବିଧାୟକ ତାରାପ୍ରସାଦ ବାହିନୀପତି ଗୃହକୁ ଉଦ୍‌ଘାଟନ କରୁଛନ୍ତି ।

ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣିଠାରେ ଗ୍ରାମୀଣ ବଜାର ଗୃହକୁ ସୋମବାର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ଗ୍ରାମୀଣ ବଜାର ନିର୍ମାଣ ହୋଇଛି । କାର୍ଯ୍ୟକ୍ରମରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାଲ୍‌କୋ ପକ୍ଷରୁ ପାରିପାର୍ଶ୍ୱିକ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ ବ୍ୟବସ୍ଥା

ଦାମନଯୋଡି,୧୩।୧୧(ନରସିଂହ ବ୍ରହ୍ମା)

ନାଲ୍‌କୋ ପଞ୍ଚପଟ୍ଟମାଳି ଖଣି ଏବଂ ପଟାଙ୍ଗି ଖଣି ପାରିପାର୍ଶ୍ୱିକ ଗ୍ରାମର ୪୯ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରସ୍ଥିତ କିସ୍ ବିଦ୍ୟାଳୟରେ ମାଗଣା ପାଠ ପଢ଼ାଇବା ପାଇଁ ବ୍ୟବସ୍ଥା କରିଛି। ପ୍ରତି ଛାତ୍ରୀଛାତ୍ରଙ୍କ ପିଛା ନାଲ୍‌କୋ ସିଏସଆର ଫଣ୍ଡରୁ ୩୫ ହଜାର ଲେଖାଏ ଟଙ୍କା ଖର୍ଚ୍ଚ କରୁଥିବା ଜଣାପଡ଼ିଛି। ରବିବାର ନାଲ୍‌କୋ ମୁଖ୍ୟ ଫାଟକ ସମ୍ମୁଖରେ ପଟାଙ୍ଗି ଅଞ୍ଚଳରୁ ୨୦ଜଣ ଏବଂ ଦାମନଯୋଡି ଅଞ୍ଚଳରୁ ୨୯ଜଣ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଦୁଇଟି ଘରୋଇ ବସ୍ ଯୋଗେ ଭୁବନେଶ୍ୱର ଯାଇଥିଲେ। ଇନ୍ଦ୍ରଧନୁ ରେସିଡେଣ୍ଟାଲ ଏଜୁକେସନ ପ୍ରୋଗ୍ରାମକୁ ନାଲ୍‌କୋର ଇଡି ଇଂ. ସୁଶୀଲ ପାଢ଼ୀ ମୁଖ୍ୟଅତିଥି ଭାବେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଲ୍‌କୋର ପ୍ରଶାସନିକ ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ଅର୍ଥ ସମୂହ ମହାପ୍ରବନ୍ଧକ ହିମାଂଶୁ ଶେଖର ପଣ୍ଡା, ଜିଜିଏମ୍ (ଏ.ଆର୍)ପ୍ରମୋଦ ବେହେରା, ଜିଜିଏମ୍ ସୁରେଶ ସାମଲ, ଜିଜିଏମ୍ ଆର୍‌ଏସ୍ ରାଜୁ, ଜିଜିଏମ୍ ନୀହାର ରଞ୍ଜନ ମହାନ୍ତି, ସ୍ୱରୂପ ମିଶ୍ର, ପ୍ରଶାସନିକ ମହାପ୍ରବନ୍ଧକ ସରୋଜ ନାଥ, ଉପ ମହାପ୍ରବନ୍ଧକ ବିଛନ୍ଦ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ନାରାୟଣପାଟଣାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ନାରାୟଣପାଟଣା,୧୩।୧୧(ରାଜ କିଶୋର ଜେନା )

କୋରାପୁଟ ଜିଲାପାଳ ମହମ୍ମଦ ଅବଦଲ ଅଖତର୍ ସୋମବାର ନାରାୟଣପାଟଣା ବ୍ଲକ ଗସ୍ତ କରି ବ୍ଲକ ସଭାଗୃହରେ ୩୮ଟି ଅଭିଯୋଗର ଶୁଣାଣି କରିଛନ୍ତି। ଗ୍ରାମକୁ ପକ୍କା ରାସ୍ତା, ବିଦ୍ୟୁତ୍ ଆଲୋକ, ବନ୍ଦ ସ୍କୁଲ ଖୋଲିବା, ଅଧପନ୍ତରିଆ ହୋଇ ପଡିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ରାସ୍ତା, ପାନୀୟ ଜଳ, କେନାଲ ସମସ୍ୟା, ଝିଡିପଦର ଗ୍ରାମ ଅଙ୍ଗନୱାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ନେଇ ଅଭିଯୋଗମାନ ଆସିଥିଲା। ଶୁଣାଣିରେ ଏସ୍‌ପି ଅଭିନବ ସୋନକର, ଜିଲା ପରିଷଦ ସିଇଓ ଗୌରଭ ଏସ. ଆଇସଲବାର, ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ,ବିଡିଓ ପୀୟୁଷ ଲୋହର, ତହସିଲଦାର ମଧୁସ୍ମିତା ପାମେଲା, ତେନ୍ତୁଳିପଦର ସରପଞ୍ଚ ରବି ମାଣ୍ଡିଙ୍ଗି,ବୋରିଗି ସରପଞ୍ଚ ସୁରେନ୍ଦ୍ର ପାଙ୍ଗୀ, ଡିସିପିଓ ରାଜେଶ୍ୱରୀ ଦାସ, ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ସତ୍ୟ ନାରାୟଣ କଅଁର, ଡିପିଓ ଯୁଗୋଳ କିଶୋର ନାୟକ, ଡିଡବ୍ଲ୍ୟୁଓ ସୁନିଲ ତାଣ୍ଡି, ଭିଏଡବ୍ଲ୍ୟୁ ବିଦ୍ୟୁଲତା ପାତ୍ର, ଡିଏସଏସଓ ସୀମାଞ୍ଚଳ ମହାପାତ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଏସପି ହରପାଲ, କ୍ଷୁଦ୍ର ଜଳସେଚନ ବିଭାଗ ସୁପରିଟେଣ୍ଡେଣ୍ଟ ରାମଚନ୍ଦ୍ର ମୁର୍ମୁ, ଅବକାରୀ ଅଧୀକ୍ଷକ ଅରୁଣ ପାଢ଼ୀ, ପିଏ ଆଇଟିଡିଏ ସଞ୍ଜୟ ସିଂ,ସିଡିଭିଓ ରବି ନାରାୟଣ ପଣ୍ଡା,ଡେପୁଟି ଡାଇରେକ୍ଟର ସୁଦାମ ଚନ୍ଦ୍ର ବିଶ୍ୱାଳ, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ , ଜିଲା ପଞ୍ଚାୟତ ଅଧିକାରୀ ଯୁଗଳ କିଶୋର ନାୟକ, ଟିପି ଏସଓଏଲଡିର ଯନ୍ତ୍ରୀ ତୁଷାରକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ଭାଗୀରଥି ପାଢୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସିଥିବା ଅଭିଯୋଗଗୁଡିକ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

# ଶ୍ୟାମାକାଳୀ ପୂଜା

ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡାଠାରେ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଛି । ଏହି ପୂଜା ୨୮ ବର୍ଷରେ ପହଞ୍ଚିଛି । ବଙ୍ଗୀୟ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ଏଠାରେ ମା'ଙ୍କ ପୂଜା ହୋଇଆସୁଛି।



ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡାଠାରେ ହୋଇଥିବା ଶ୍ୟାମାକାଳୀ ପୂଜା ମଣ୍ଡପ ।

# ଜାତୀୟ ଶିକ୍ଷା ଦିବସ ପାଳିତ

ମାଲକାନଗିରି,୧୩।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରକୁଣ୍ଡା ବ୍ଲକ୍ ନୀଳାଚଳ ଆଦିବାସୀ ସେବାଶ୍ରମରେ ୧୬ ତମ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡ.ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୌଲାନା ଅବଦୁଲ କଲାମ ଆଜାଦ୍‌ଙ୍କ ୧୩୫ ତମ ଜନ୍ମତିଥି ପାଳନ ଅବସରରେ ମୌଲାନାଙ୍କ ଜାତି ପ୍ରତି ଅବଦାନକୁ ସ୍ମରଣ କରାଇଥିଲେ। ସରକାରୀ ବହୁବୃତ୍ତି ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ପରିପ୍ରେକ୍ଷୀରେ କୁଶଳୀ କାରିଗରର ଚାହିଦା ପୂରଣ ନିମନ୍ତେ ଛାତ୍ରୀଛାତ୍ରମାନେ ଲକ୍ଷ୍ୟ ରଖିବା ସହ ସରକାରୀ ସୁବିଧା ସୁଯୋଗର ସଦୁପଯୋଗ କରିବା ପାଇଁ ଅନ୍ତେବାସୀଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧିକାରୀ ମାନସ ରଞ୍ଜନ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚଳିତ ଶିକ୍ଷା ବର୍ଷର ପ୍ରସଙ୍ଗ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଅଭିନବ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଆଶ୍ରମର ୩୫ ଅନ୍ତେବାସୀ କାର୍ଯ୍ୟକ୍ରମରେ ସାମିଲ ହୋଇ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଆଶ୍ରମ ମୁଖ୍ୟ ପରିଚାଳିକା ଯମୁନା କରସ୍ତା ସଭା ପରିଚଳନା କରିଥିବା ବେଳେ ସହ ପରିଚାଳିକା ରାକ୍ଷୀ ହରିଜନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନ୍ତେବାସୀ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଏକ ଗଣଦୌଡର ଆୟୋଜନ କରାଯାଇଥିଲା।



ଜାତୀୟ ଶିକ୍ଷା ଦିବସରେ ଉପସ୍ଥିତ ଛାତ୍ର ଓ ଅଧ୍ୟାପକମାନେ ।

# ଅନ୍ତେବାସୀଙ୍କୁ ଖାଇବାକୁ ଦେବାରେ ଏସ୍‌ଏଚଜି କରୁଛି ଅବ୍ୟବସ୍ଥା

କୁନ୍ଦୁରା,୧୩।୧୧ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉପକଣ୍ଠସ୍ଥିତ କାଉଡିଆଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ପରିଚାଳିତ ଆବାସିକ ବିଦ୍ୟାଳୟରେ ରହି ପାଠ ପଢୁଥିବା ଛାତ୍ରୀମାନଙ୍କୁ ଠିକ୍ ରୂପେ ଖାଦ୍ୟ ପ୍ରଦାନ କରାଯାଉ ନ ଥିବା ହଷ୍ଟେଲରେ ରହୁଥିବା ଛାତ୍ରୀ ମାନେ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟରେ ୪୩୭ ଜଣ ଛାତ୍ରୀ ପାଠ ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୩୭୫ ଜଣ ହଷ୍ଟେଲରେ ଅନ୍ତେବାସୀ ରୂପେ ରହୁଛନ୍ତି। ଶୁଭଙ୍କରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଛାତ୍ରୀମାନଙ୍କୁ ହଷ୍ଟେଲରେ ଖାଦ୍ୟ ପ୍ରଦାନ ଦାୟିତ୍ୱ ନେଇଛି। ତେବେ ଏହି ଏସ୍‌ଏଚଜି ଅନ୍ତେବାସୀଙ୍କୁ ଠିକ୍ ରୂପେ ଖାଦ୍ୟ ପ୍ରଦାନ କରୁ ନ ଥିବା ଶତାଧିକ ଛାତ୍ରୀ ଅଭିଯୋଗ କରିଛନ୍ତି। ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀମାନେ ସେମାନଙ୍କ



ପ୍ରଧାନଶିକ୍ଷକ ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି ।

ଖାଇବାରେ ବିଭିନ୍ନ ସମସ୍ୟା ହେଉଥିବା ନେଇ ୯ଟି ଅଭିଯୋଗ ସମ୍ବଳିତ ଏକ ପତ୍ର ସୁପରିଟେଣ୍ଡେଣ୍ଟଙ୍କୁ ପ୍ରଦାନ କରିଛନ୍ତି। ଏହି ଏସ୍‌ଏଚଜି ସେମାନଙ୍କୁ ସକାଳ ୯ଟାରେ ଥରେ ଖାଇବାକୁ ଦେଇ ପୁଣି ରାତି ୯ଟାରେ ଖାଇବାକୁ ଦେଉଛି। ୨ ମାସ ହେଲା ଅନ୍ତେବାସୀଙ୍କୁ ଖାଦ୍ୟ ପ୍ରଦାନ ଦାୟିତ୍ୱ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ନେବା ପରଠାରୁ ଏପରି ସମସ୍ୟା ଦେଖା ଦେଉଛି। ଏପରି ଶୁଣିବାକୁ ପାଇ ରବିବାର ଏହାର ତଦାରଖ କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗତ ନାୟକ ଆସିଥିଲେ। ଏହି ସମୟରେ ମଧ୍ୟ ଛାତ୍ରୀଙ୍କୁ ଦେଖିବାକୁ ଆସିଥିବା ସେମାନଙ୍କ କେତେ ଜଣ ଅଭିଭାବକ, ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା ଉପସ୍ଥିତ ଥିଲେ। ହଷ୍ଟେଲର ସମସ୍ୟା ଦେଖି ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସରପଞ୍ଚ ପରଜା ଏ ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଜଣାଇ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ପ୍ରଧାନ ଶିକ୍ଷକ ଗୋବିନ୍ଦ ପାତ୍ର ଛାତ୍ରୀଙ୍କୁ ଖାଦ୍ୟ ପ୍ରଦାନ ନେଇ ଦାୟିତ୍ୱରେ ଥିବା ଏସ୍‌ଏଚଜିର ମନମାନିକୁ ସ୍ୱୀକାର କରିଛନ୍ତି। ତେବେ ପରିଚାଳନା କମିଟି ସଭାପତି ନାୟକ,ସରପଞ୍ଚ ପରଜା, ସମିତିସଭ୍ୟ ଗଣ୍ଡା, ପ୍ରଧାନଶିକ୍ଷକ ପାତ୍ର ପ୍ରମୁଖ ଆଲୋଚନା କରି ସମ୍ପୃକ୍ତ ଏସ୍‌ଏଚଜିକୁ ଡକାଇଥିଲେ। ପ୍ରଧାନ ଶିକ୍ଷକ ଖାଦ୍ୟ ସୂଚୀ ଦେଉ ନ ଥିବାରୁ ଛାତ୍ରୀଙ୍କୁ କେବେ କଣ ଖାଦ୍ୟ ପ୍ରଦାନ କରାଯିବ ସେନେଇ ଆମେ ଦ୍ୱନ୍ଦ୍ୱରେ ପଡୁଛୁ ବୋଲି ଏସ୍‌ଏଚଜି ସଭାପତି କହିଥିଲେ।

## ସଂକ୍ଷେପରେ

### ଗୁଣପୁରରେ ୧୭ ବର୍ଷରେ ମା' ଦକ୍ଷିଣ କାଳୀଙ୍କ ପୂଜା



ଗୁଣପୁର, ୧୩।୧୧ (ପ୍ରଦୀପ କୁମାର ପାଢ଼ୀ)
ରାୟଗଡା ଜିଲା ଗୁଣପୁର ଆଇଟିଡିଏ ଅଫିସ ନିକଟରେ ହେଉଥିବା ମା' ଦକ୍ଷିଣ କାଳୀଙ୍କ ପୂଜା ଚଳିତ ବର୍ଷ ୧୭ ବର୍ଷରେ ପଦାର୍ପଣ କରିଛି । ମା'ଙ୍କ ପୂଜା ପାଇଁ ଗୁଣପୁର ସହର ଉତ୍ସବ ମୁଖର ହୋଇ ଉଠିଛି । ରବିବାର ବିଳମ୍ବିତ ରାତିରେ ସହର ମଧ୍ୟରେ ଥିବା ମା' ଦକ୍ଷିଣ କାଳୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଆଜ୍ଞାମାଳ ଅଣାଯାଇ ମଣ୍ଡପରେ ପୂଜା କାର୍ଯ୍ୟ ଯଥା ରୀତିନୀତି ଆରମ୍ଭ ହୋଇଥିଲା । ମା'ଙ୍କୁ ରୀତି ଅନୁସାରେ ୭ଦିନ ପୂଜା କରାଯିବା ପରେ ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ । କର୍ତ୍ତା ଭାବେ ପ୍ରଭାତ ମହାପାତ୍ର ଏବଂ ପୂଜକ ଜୀବନାନନ୍ଦ ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି । ପୂଜା ମଣ୍ଡପରେ ମୀନା ବଜାର ସହ ମା'ଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି ।

### ଉତ୍କଳ ହସ୍ପିଟାଲରେ ଲାପ୍ରୋସ୍କୋପି ସୁବିଧା ଆରମ୍ଭ



ଟିକିରି, ୧୩।୧୧ (ପ୍ରଫୁଲ କୁମାର ବେହେରା)
କାଶୀପୁର ବ୍ଲକ୍ ଟିକିରିଠାରେ ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ପକ୍ଷରୁ ଏକ ମଲ୍ଟି ସ୍ପେଶାଲିଟି ଉତ୍କଳ ହସ୍ପିଟାଲ ସ୍ଥାପନ କରାଯାଇଛି । ହସ୍ପିଟାଲରେ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏବେ ଲାପ୍ରୋସ୍କୋପି ସୁବିଧା ଆରମ୍ଭ ହୋଇଛି । ଦୀପାବଳି ଅବସରରେ ଉତ୍କଳ ଆଲୁମିନା ୟୁନିଟ ହେଡ ମଜହର ବେଗ ଓ ଉତ୍କଳ ଉତ୍କଳ ଲେଡିଜ କ୍ଲବ ପ୍ରେସିଡେଣ୍ଟ ହିନା ବେଗ ଏହି ବ୍ୟବସ୍ଥାକୁ ଉଦ୍ଘାଟନ କରିଥିଲେ । ୟୁନିଟ ଏଚଆର୍ ହେଡ ବିଜୟ କୁମୁରା, ହେଡ ଉତ୍କଳ ମେଡିକାଲ ସର୍ଭିସେସ ଏବଂ ସିଏମଓ ଡା.ଅରିନ୍ଦମ ରୟଚୌଧୁରୀ, ସିଏସ୍ ଆଣ୍ଡ ସିଆର୍ ଉତ୍କଳ ଆଲୁମିନା ହେଡ ଲୋପାମୁଦ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ବିଷ୍ଣୁ ସହସ୍ର ନାମରେ ତୁଳସୀ ଅର୍ଚ୍ଚନା

ଗୁଣପୁର, ୧୩।୧୧ (ପ୍ରଦୀପ କୁମାର ପାଢ଼ୀ)
ଗୁଣପୁର ସ୍ଥିତ ଅଦ୍ୱୈତ ବେଦାନ୍ତ ଆଶ୍ରମର ୩୫ ବର୍ଷ ଉପଲକ୍ଷେ ପବିତ୍ର କାର୍ତ୍ତିକ ମାସର ଶନିବାର ସକାଳେ ସାମୂହିକ ବିଶ୍ୱ ଶାନ୍ତି କଲ୍ୟାଣ ନିମନ୍ତେ ବିଷ୍ଣୁ ସହସ୍ର ନାମରେ ତୁଳସୀ ଅର୍ଚ୍ଚନା ଓ କୁଙ୍କୁମ ପୂଜା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳାମାନେ ସାମିଲ ହୋଇଥିଲେ । ଆଚାର୍ଯ୍ୟ ନଳିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

# ଡ୍ରୋନ୍ ସାହାଯ୍ୟରେ ଉପାନ୍ତ ଅଞ୍ଚଳକୁ ଆସିବ ଔଷଧ

**ପାଇଲଟ୍ ପ୍ରୋଜେକ୍ଟ ଭାବେ ଗୁଡାରିରେ ପରୀକ୍ଷଣ ସଫଳ**

ଗୁଡ଼ାରି, ୧୩। ୧୧ (ପ୍ରମୋଦ କୁମାର ପତି)
ରାୟଗଡ଼ା ଜିଲା ଗୁଡ଼ାରିର ବିଭିନ୍ନ ଉପାନ୍ତ ଅଞ୍ଚଳକୁ ଡ୍ରୋନ୍ ସାହାଯ୍ୟରେ କିପରି କମ ସମୟ ମଧ୍ୟରେ ଅତ୍ୟାବଶ୍ୟକ ଔଷଧ ପହଞ୍ଚି ପାରିବ ସେ ସମ୍ପର୍କରେ ସୋମବାର ପରୀକ୍ଷଣ କରାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଡ୍ରୋନ ବାହାରି ୧ ଘଣ୍ଟା ପରେ ଗୁଡ଼ାରି ହାଇସ୍କୁଲ ପଡ଼ିଆରେ ଅବତରଣ କରିଥିଲା । ପାଇଲଟ ପ୍ରୋଜେକ୍ଟ ଭାବେ ପ୍ରଥମ କରି ରାୟଗଡା ଜିଲାର ଗୁଡ଼ାରିକୁ ଡ୍ରୋନ ଯୋଗେ ଔଷଧ ଆସିଥିଲା । ରାୟଗଡା ସିଡିଏମଓ ଲାଲମୋହନ ରାଉତରାୟ ଅପରାହ୍ନରେ ହାଇସ୍କୁଲ ପଡ଼ିଆରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପରୀକ୍ଷଣ ସଫଳ ହୋଇଥିବା ସୂଚନା ଦେଇଥିଲେ ।

ରାୟଗଡା ସିଡିଏମଓ ରାଉତରାୟଙ୍କ କହିବା ଅନୁଯାୟୀ, ଉପାନ୍ତ ଅଞ୍ଚଳକୁ ଅତ୍ୟାବଶ୍ୟକ ସାମଗ୍ରୀ କମ୍ ସମୟ ମଧ୍ୟରେ ଏବଂ ସୁବିଧାରେ ପହଞ୍ଚାଇବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏହି ଯୋଜନା ଆରମ୍ଭ ହୋଇଛି । ରାସ୍ତାଘାଟ ସୁବିଧା ନ ଥିବା, ଜଙ୍ଗଲିଆ ଓ ଉପାନ୍ତ ଅଞ୍ଚଳରେ କିଭଳି ଅତ୍ୟାବଶ୍ୟକ ଔଷଧ ପହଞ୍ଚିପାରିବ ସେ ନେଇ ପରୀକ୍ଷା ହୋଇଥିଲା । ଗୁଡ଼ାରି ବିଡିଓ ଅନିଶା ଦାସ, ମେଡ଼ିକାଲ ଅଧିକାରୀ ଅରୁପାନନ୍ଦ ବେହେରା, ମେଡ଼ିକାଲ କର୍ମଚାରୀ ଏବଂ ସମ୍ପୃକ୍ତ କର୍ମଚାରୀମାନେ ଉପସ୍ଥିତ ରହି ଏହି ଡ୍ରୋନ ଅବତରଣ କରିବା ପରୀକ୍ଷାରେ ସାମିଲ ହୋଇଥିଲେ । ଏହି ଡ୍ରୋନ ଦେଖିବାକୁ ହାଇ ସ୍କୁଲପଡ଼ିଆରେ ଲୋକଙ୍କ ଭିଡ଼ ଜମି ଥିଲା ।



ଡ୍ରୋନ୍ ପରୀକ୍ଷଣ ସମୟରେ ଉପସ୍ଥିତ ଥିବା ମେଡ଼ିକାଲ ଅଧିକାରୀ ଓ ଅନ୍ୟମାନେ ।

# ଜିଲା ଶିକ୍ଷା ବିଭାଗର ୧୭ ଲକ୍ଷ ହଡ଼ପ ଅଭିଯୋଗ

**ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମରେ ଦୁର୍ନୀତି**

ରାୟଗଡ଼ା, ୧୩।୧୧ (ଆଶିଷ ରଞ୍ଜନ ପଣ୍ଡା)
ଶିକ୍ଷାର ବିକାଶ ଓ ଉନ୍ନତି ଦିଗରେ ରାଜ୍ୟ ସରକାର ବିଭିନ୍ନ ବିକାଶମୂଳକ ପଦକ୍ଷେପ ପୂର୍ବକ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ତଥା ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ରାୟଗଡ଼ା ଜିଲାର ୧୧ଟି ବ୍ଲକର କ୍ଲଷ୍ଟର ପିଛା ୧୦ ହଜାର ଟଙ୍କା ଆକାରରେ ମୋଟ ୧୬୮ କ୍ଲଷ୍ଟର ପାଇଁ ଶିକ୍ଷା ବିଭାଗ ପକ୍ଷରୁ ୧୬ ଲକ୍ଷ ୮୦ହଜାର ଟଙ୍କା ଅନୁଦାନ ଆସିଥିଲା । ହେଲେ ଏହି କାର୍ଯ୍ୟକ୍ରମ ଜିଲାର କୌଣସି ବ୍ଲକ୍ କିମ୍ବା କ୍ଲଷ୍ଟରରେ ଅନୁଷ୍ଠିତ ହୋଇ ନ ହୋଇ ସମ୍ପୂର୍ଣ୍ଣ ଅନୁଦାନ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି ।

ମିଳିଥିବା ତଥ୍ୟ ଅନୁସାରେ, ଗତ ଫେବୃୟାରୀ ୯ ତାରିଖରେ ଜିଲା ଶିକ୍ଷା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ କ୍ଲଷ୍ଟର ପିଛା ୧୦ ହଜାର ଟଙ୍କା ହିସାବରେ ସମସ୍ତ ସ୍କୁଲରେ ଏହି କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଆସିଥିଲା । ଏଥିରେ ପ୍ରଶିକ୍ଷକଙ୍କ ମାଧ୍ୟମରେ ପିଲାଙ୍କୁ ଖେଳଣା ତିଆରି କରିବା ଶିକ୍ଷା ଦିଆଯିବାର କାର୍ଯ୍ୟକ୍ରମ ରହିଥିଲା । ଜିଲାର ୧୬୮ କ୍ଲଷ୍ଟର ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ସ୍କୁଲରେ ଏହି କାର୍ଯ୍ୟକ୍ରମ ହୋଇ ନ ଥିବା ଜଣାପଡ଼ିଛି । ଏଭଳିକି ସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକଙ୍କଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିକଟରେ କୌଣସି ତଥ୍ୟ ନ ଥିବା ଜଣେ ଅଧିକାରୀ ନାମ ଗୋପନ ସର୍ତ୍ତରେ ପ୍ରକାଶ କରିଥିଲେ । ଜିଲାର କୋଲନରା, କଲ୍ୟାଣସିଂହପୁର, ରାମନାଗୁଡ଼ା, ବିଷମକଟକ, ମୁନିଗୁଡ଼ା, ଗୁଡ଼ାରି, ଚନ୍ଦ୍ରପୁର, ପଦ୍ମପୁର ଓ ଗୁଣପୁର ବ୍ଲକ ସମେତ ସଦର ବ୍ଲକ ରାୟଗଡ଼ାର ବିଦ୍ୟାଳୟଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି । ତେବେ ବିନା କାର୍ଯ୍ୟକ୍ରମରେ ଲକ୍ଷାଧିକ ଟଙ୍କା ବାଟମାରଣା କିଭଳି ହେଲା ତାହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଦାବି ହୋଇଛି । ଏ ନେଇ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହାଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ହେଁ ଯୋଗାଯୋଗ ସମ୍ଭବପର ହୋଇପାରି ନ ଥିଲା । ଏ ସମ୍ପର୍କରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝିଙ୍କୁ ପଚାରିବାରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା କହିଥିଲେ ମଧ୍ୟ କେଉଁ କ୍ଲଷ୍ଟରରେ କେବେ କାର୍ଯ୍ୟକ୍ରମ ହୋଇଥିଲା ତାହାର ବିସ୍ତୃତ ବିବରଣୀ ଦେଇପାରି ନ ଥିଲେ । ଉକ୍ତ ପ୍ରଶ୍ନକୁ ଏଡାଇବାକୁ ଯାଇ ଏ ନେଇ ସେ ସିଆରସିସିମାନଙ୍କୁ ପଚାରି ବୁଝିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମ କେତେଦିନ ଚାଲିଥିଲା ଏବଂ କେଉଁ ବିଦ୍ୟାଳୟରେ କିଭଳି ଭାବେ ଅନୁଷ୍ଠିତ ହୋଇଥିଲା ସେ ନେଇ କୌଣସି ତଥ୍ୟ ଦେଇନାହାଁନ୍ତି ।

# ୪୮ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ଗୁଡ଼ାରି, ୧୩।୧୧ (ପ୍ରମୋଦ କୁମାର ପତି)
ରାୟଗଡା ଜିଲା ପ୍ରଶାସନ ତରଫରୁ ଗୁଡ଼ାରି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ରାୟଗଡ଼ା ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଉପସ୍ଥିତ ରହି ୪୮ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୭ଟି ସାମୂହିକ ଅଭିଯୋଗ ଥିଲା । ଅତିରିକ୍ତ ଜିଲାପାଳ ସମସ୍ତ ଅଭିଯୋଗ ଶୁଣି ତୁରନ୍ତ ସମାଧାନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଗୁଣପୁର ଉପ ଜିଲାପାଳ ଲଳିତ କୁମାର କହଁର, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ, ଗୁଡ଼ାରି ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରମୁଖ ଯୋଗଦେଇ ଶୁଣାଣି କରିଥିଲେ । ରାସ୍ତା, ପାନୀୟ ଜଳ ଯୋଗାଣ, ଧାନପୋକ ନିରାକରଣ ଆଦିର ଦରଖାସ୍ତ ଗ୍ରହଣ କରିଥିଲେ । ସମସ୍ତ ଆବେଦନଗୁଡ଼ିକୁ ତ୍ୱରିତ ସମାଧାନ କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗୁଡ଼ାରି ବିଡିଓ ଅନିଶା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଏ. ସ୍ନେହଲତାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।



ଶିବିରରେ ଉପସ୍ଥିତ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି ।

## ଯୁବ ଭୋଟର ସଚେତନତା, ପଞ୍ଜୀକରଣ ଶିବିର

ରାୟଗଡା, ୧୩।୧୧ (ଆଶିଷ ରଞ୍ଜନ ପଣ୍ଡା)
ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସୋମବାର ଯୁବ ଭୋଟର ସଚେତନତା ଓ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଛି । ରାୟଗଡ଼ା ଉପ ଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଯୋଗଦେଇ ଯୁବ ଭୋଟରଙ୍କ ପଞ୍ଜୀକରଣର ଆବଶ୍ୟକତା, ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ । ବିଡିଓ ଅମୂଲ୍ୟ କୁମାର ସାହୁ ସୁସ୍ଥ ଭୋଟର ତାଲିକା ପ୍ରସ୍ତୁତି ଓ



ଯୋଗ୍ୟ ଭୋଟରଙ୍କ ବିଷୟରେ ସୂଚନା ଦେଇଥିଲେ । ସମ୍ବଲ ଶିକ୍ଷକ ନୀଳାଞ୍ଚଳ ମିଶ୍ର ମୋବାଇଲରେ ଅନ୍‌ଲାଇନ ପଞ୍ଜୀକରଣ ପ୍ରକ୍ରିୟା ଓ ଭୋଟର ହେଲ୍ପଲାଇନ ଆପ୍ ମାଧ୍ୟମରେ ପଞ୍ଜୀକରଣ ପ୍ରକ୍ରିୟା ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ । ଶିବିରରେ ଯୁବ ଭୋଟରମାନେ କିଭଳି ନିଜ ମୋବାଇଲରେ ଭୋଟର ହେବା ପାଇଁ ପଞ୍ଜୀକରଣ କରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷା ଡାକ୍ତର ବବିଲତା ଶ୍ରଫ ପ୍ରାରମ୍ଭିକ ଭାଷଣରେ ଭୋଟର ପଞ୍ଜୀକରଣର ଆବଶ୍ୟକତା ସହ ସରକାରୀ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଭୋଟ ଦାନ କାହିଁକି ମୂଲ୍ୟବାନ ସନ୍ଦର୍ଭରେ ରାଜେଶ୍ୱରୀ ଭଙ୍ଗରାୟ, ସ୍ମୃତିପ୍ରିୟା ଖୁରା, ଅଞ୍ଜଳି କାଡ୍ରାକା, ରଚନା ନିଶାଲ, ଅଶୋକ ସିଂ, ନିଲୁ ପାତ୍ର, ସୁରେଶ ମାଣ୍ଡାଙ୍ଗୀ, ଟି ମଣିକଣ୍ଠା, ନିକିତା, ରାହୁଲ ଜେନା, ପ୍ରୀତି କୁମାରୀ ଚୌଧୁରୀ, କେ. ଅକ୍ଷୟ ଏବଂ ସାରଙ୍ଗଧର କାଡ୍ରାକା ନିଜ ଅଭିଭାଷଣ ରଖିଥିଲେ । ବାଣିଜ୍ୟ ବିଭାଗ ଅଧ୍ୟାପକ ସୁବ୍ରତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗରମପାଣିରେ ପଡ଼ି ଶିଶୁକନ୍ୟା ଗୁରୁତର

ପଦ୍ମପୁର, ୧୩।୧୧ (ପ୍ରଶାନ୍ତ କୁମାର କର)
ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଗୁଡିଆବନ୍ଧ ଗ୍ରାମରେ ସୋମବାର ଗରମ ପାଣିରେ ପଡ଼ି ଜଣେ ଦେଢ଼ ବର୍ଷର ଶିଶୁ ଗୁରୁତର ହୋଇଛନ୍ତି । ଗୁଡିଆବନ୍ଧ ଗ୍ରାମର ମିଟୁ କଣ୍ଡାଗିରିଙ୍କ ସ୍ତ୍ରୀ ଉଷା କଣ୍ଡାଗିରି ରୋଷେଇ ଘରେ କାଠ ଚୁଲିରେ ଭାତ ରାନ୍ଧିବା ପାଇଁ ପାଣି ଗରମ କରୁଥିଲେ । ଏହି ସମୟରେ ତାଙ୍କ ଦେଢବର୍ଷର ଶିଶୁ ଇପ୍ସିତା କଣ୍ଡାଗିରି ହଠାତ ଫୁଟୁଥିବା ଗରମ ପାଣିରେ ପଡ଼ିଯାଇଥିଲା । ପରିବାର ଲୋକେ ତାକୁ ତୁରନ୍ତ ଉଦ୍ଧାର କରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଥିଲେ । ପଦ୍ମପୁର ଡାକ୍ତର ର୍ତୁପର୍ଣ୍ଣା ପଟ୍ଟନାୟକ ଶିଶୁକୁ ପ୍ରାଥମିକ ଚିକିତ୍ସା କରିବା ପରେ ତା'ର ଅବସ୍ଥା ଗୁରୁତର ଥିବାରୁ ତାକୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।

## ବାଣ ଫୁଟାଇବାବେଳେ ଛିଡ଼ିଗଲା ଆଙ୍ଗୁଠି

ଟିକିରି, ୧୩।୧୧ (ପ୍ରଫୁଲ କୁମାର ବେହେରା )

**ଦୀପାବଳିରେ ଅଘଟଣ**

ରାୟଗଡ଼ା ଜିଲାରେ ଦିପାବଳୀରେ ଘଟିଛି ଅଘଟଣ । ରାତିରେ ଅଫୁଟା ହୋଇ ପଡିଥିବା ବାଣ ସକାଳେ ଜଣେ ନାବାଳକ ଫୁଟାଇବାବେଳେ ଏହା ହାତରେ ଫୁଟିଯିବାରୁ ହାତର ଆଙ୍ଗୁଠି ଛିଡ଼ି ଯାଇଛି । ଗୁରୁତର ଅବସ୍ଥାରେ ବାଳକଙ୍କୁ ପ୍ରଥମେ ଟିକିରି ଉଷାପଡାସ୍ଥିତ ଉତ୍କଳ ହସ୍ପିଟାଲରେ ପ୍ରଥମିକ ଚିକିତ୍ସା ପରେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତ ନାବାଳକ ଜଣକ ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚେମା ଗ୍ରାମର କାର୍ତ୍ତିକ ନାୟକଙ୍କ ପୁଅ ରିତେଶ ନାଏକ । ସେ ଟିକିରିରେ ତାଙ୍କ ବଡବାପାଙ୍କ ଘରେ ରହି ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢୁଥିଲେ ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ



ଚନ୍ଦ୍ରପୁର, ୧୩।୧୧ (ବିଜୟ ପ୍ରସାଦ ଉଲ୍‌କା)
ଚନ୍ଦ୍ରପୁର ବ୍ଲକର ଏସ୍‌ଏସ୍‌ଡି ହାଇସ୍କୁଲ ପରିସରରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବ୍ଲକ ଅଧ୍ୟକ୍ଷ କଇନ କିମାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ସଙ୍ଗୀତ, ବକ୍ତୃତା, ନୃତ୍ୟ, ତର୍କ, ଚିତ୍ର କଳା ସୃଜନାତ୍ମକ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଉକ୍ତ ପ୍ରତିଯୋଗିତାରେ ବ୍ଲକ୍‌ର ଡାଙ୍ଗସୋରଡ଼ା, ବୁଦିବାଲି, ହକୁଶ ପଙ୍ଗା, ନେହୁରୁ ପଙ୍ଗା, ରାଇବିଜ କାନ୍ୟାଶ୍ରମରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଭୀମ ଗୋଗେରେଙ୍ଗା, ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ କୃଷ୍ଣଚନ୍ଦ୍ର ବେହେରା ଯୋଗଦେଇଥିଲେ । ସରପଞ୍ଚ ସଂଯୁକ୍ତା ବ୍ରେକବେଡା, ସ୍କୁଲ ସଭାପତି ହାଡିବନ୍ଧୁ ବ୍ରେକବେଡା, ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ, ପ୍ରିନ୍ସିପାଲ ରଞ୍ଜିତ କୁମାର ପ୍ରଧାନ, ବିଜୟ ଉଲାକାଙ୍କୁ ପୁଷ୍ପ ଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ପ୍ରଦୀପ ଚୌଧୁରୀ, ରାମଚନ୍ଦ୍ର ପାଢ଼ୀ, ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷକ ଭାସ୍କର ଗମାଙ୍ଗ ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ ।

## ରାୟଗଡ଼ା ଜିଲାକୁ ମିଳିଲା ୩ ପଦକ



ରାୟଗଡ଼ା ରେଳ ଷ୍ଟେଶନରେ କ୍ରୀଡାବିତ୍‌ଙ୍କୁ ସ୍ୱାଗତ କରାଯାଉଛି ।

ରାୟଗଡା, ୧୩।୧୧ (ଭାଗ୍ୟଶ୍ରୀ ମିଶ୍ର )
ସୁନ୍ଦରଗଡ଼ ଜିଲାରେ ଆୟୋଜିତ ରାଜ୍ୟସ୍ତରୀୟ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ରାୟଗଡା ଜିଲାକୁ ଗୋଟିଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂଶ୍ୟ ୩ଟି ପଦକ ମିଳିଛି । ୧୭ ବର୍ଷରୁ କମ୍ ବାଳିକା ବିଭାଗ ଉଚ୍ଚ ଡିଆଁ ପ୍ରତିଯୋଗିତାରେ ବର୍ଷା ମାଳି ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରଛନ୍ତି । ତ୍ରିପଲ ଡିଆଁରେ ବର୍ଷା ମାଳି ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ପଦକ ହାସଲ କରି ରାୟଗଡା ଜିଲା ପାଇଁ ଗୌରବ ଆଣିଛନ୍ତି । ସେହିପରି ଶଙ୍କର ହିକକା ୧୪ବର୍ଷ ରୁ କମ ବାଳକ ବିଭାଗ ଶଟ୍‌ପୁଟ୍ ଥ୍ରୋ (ଗୋଳା ଫିଙ୍ଗା)ରେ ୩ୟ ସ୍ଥାନ ଅଧିକାର କରି କାଂଶ୍ୟ ପଦକ ହାସଲ କରିଛନ୍ତି । ବାଳିକାଙ୍କ ସହ ପେଣ୍ଟା ହାଇସ୍କୁଲର କ୍ରୀଡା ଶିକ୍ଷୟତ୍ରୀ ସୁହାସିନୀ ଓଝା ବାଳକଙ୍କ ସହ କ୍ରୀଡା ଶିକ୍ଷକ ସାଇ ଜ୍ୟୋତି ବେହେରା ଗାଇଡ଼ ହିସାବରେ ଯାଇଥିଲେ । କ୍ରୀଡ଼ା ପ୍ରତିଯୋଗିତାରେ ୩୦ ଜିଲାର ପ୍ରାୟ ୭୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ । ରାୟଗଡ଼ା ଜିଲାରୁ ଭାଗ ନେଇଥିବା ୨୨ ପିଲା ରବିବାର ରାୟଗଡା ରେଳଷ୍ଟେଶନରେ ପହଞ୍ଚିବା ପରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା କ୍ରୀଡା ଅଧିକାରୀ ସେକ ଆଲିମୁର୍ ଓ ମାଟିକଣା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକ ପ୍ରମୁଖ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# ଗୁଣପୁର ଟାଇଟନ୍ ବିଜୟୀ, ନ୍ୟୁଏସ ଲାଏନ୍ସ ରନର୍ ଅପ୍

**ସରିଲା ଜିପିଏଲ କ୍ରିକେଟ ଟୁର୍ନାମେଣ୍ଟ**

ଗୁଣୁପୁର, ୧୩।୧୧ (ପ୍ରଦୀପ କୁମାର ପାଢ଼ୀ )
ଗୁଣପୁର ମିନି ଷ୍ଟାଡିୟମରେ ଚାଲିଥିବା ଗୁଣପୁର ପ୍ରିମିୟର୍ ଲିଗ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଶେଷ ହୋଇଛି । ଫାଇନାଲ ମ୍ୟାଚରେ ଗୁଣପୁର ଟାଇଟନ ଚାମ୍ପିୟନ ହୋଇଥିବାବେଳେ ଗୁଡାରିର ନ୍ୟୁଏସ ଲାଏନ୍ସ ରନର ଅପ୍ ହୋଇଥିଲା । ଚାମ୍ପିୟନ ଦଳକୁ ୬୬୬୬୬ ନଗଦ ପୁରସ୍କାର ଦିଆଯାଇଥିବା ବେଳେ ରନର ପୁରସ୍କାର ଭାବେ ୪୪୪୪୪ ଟଙ୍କା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ଏମ୍‌ପି ତଥା ବିଜେଡି ରାଜ୍ୟ ଉପ ସଭାପତି ଏନ. ଭାସ୍କର ରାଓ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ମମତା ଗୌଡ, ବ୍ଲକ ଅଧ୍ୟକ୍ଷା ଝିଲି ଶବର, ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୌର ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ, ଲ୍ୟାମ୍ପ ସଭାପତି କୁଞ୍ଜ ବିହାରୀ ଶବର, ହାଉସିଂ ବୋର୍ଡ ସଭାପତି ରାଜେନ୍ଦ୍ର ସାହୁକାର, କାଉନସିଲର ଚେପାଲି ସରସ୍ୱତୀ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ଓ ନଗଦ ପୁରସ୍କାର ବଣ୍ଟନ କରିଥିଲେ ।

ଗୁଣପୁର ଟାଇଟନ ଦଳ ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ । ନ୍ୟୁଏସ ଲାଏନ୍ସ ଦଳ ୨୦ ଓଭରରେ ୧୩୨ ରନ ସଂଗ୍ରହ କରି ୭ଟି ୱିକେଟ ହରାଇ ହରାଇଥିଲେ । ଏହି ଦଳର ଦିନେଶ କୁମାର ମାଝୀ ୩୩ ରନ କରିଥିବା ବେଳେ ଦେବାଶିଷ ବଡ ୩୪ ରନ ସଂଗ୍ରହ କରିଥିଲେ । ଦ୍ୱିତୀୟ ଇଂନିସରେ ଗୁଣପୁର ଟାଇଟନ ୧୫ ଓଭର ୪ଟି ବଲରେ ୧୩୭ ରନ କରି ବିଜୟ ଲାଭ କରିଥିଲେ । ଏହି ଦଳର କ୍ଷମା ଶାଗର ବଳ ୨୮ଟି ବଲରେ ୬୨ ରନ କରିଥିବା ବେଳେ ଅଂଶୁମାନ ପଟ୍ଟନାୟକ ୨୦ଟି ବଲରେ ୨୬ ରନ କରିଥିଲେ । ଫଳରେ ୭ ୱିକେଟରେ ଗୁଣପୁର ଟାଇଟନ ବିଜୟୀ ହୋଇଥିଲେ । ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଓ ଆଦର୍ଶ ବୋଲର ଭାବେ କ୍ଷମା ଶାଗର ବଳ ଟ୍ରଫି ସହ ନଗଦ ପୁରସ୍କାର ପାଇଥିଲେ । ବେଷ୍ଟ ବ୍ୟାଟ୍ସମ୍ୟାନେ ଭାବେ ସନ୍ତୋଷ ପାତ୍ର ଟ୍ରଫି ପାଇଥିଲେ । ସାରଦା ପ୍ରସନ୍ନ ମହାପାତ୍ର ଓ ସପନ ଦାସ ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ତୁଲାଇ ଥିଲେ । ବିଶ୍ୱ ଭୂଷଣ ଲିମା ଓ ହରୀ ଗମାଙ୍ଗ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ । ଟୁର୍ନାମେଣ୍ଟର ପରିଚାଳନା ଦାୟିତ୍ୱରେ କିରଣ ପାଣିଗ୍ରାହୀ, ଅଂଶୁମାନ ପଟ୍ଟନାୟକ, ସନ୍ଦିପ ପାଣିଗ୍ରାହୀ, ଚିନ୍ମୟ ରାଇକା, ରାଜ କିଶୋର ଗୌଡ, ଉମା ବାଉରୀ, ସରୋଜ ମିଶ୍ର, ଶଙ୍କର ବାଉରୀ, ବଳିଆ ମହାନ୍ତି, ତେନାଲି ରାଜା, ଏ. ଉପେନ୍ଦ୍ର ପ୍ରମୁଖ ରହିଥିଲେ ।



ବିଜୟୀ ଏବଂ ରନର ଅପ୍ ଦଳର ଖେଳାଳିଙ୍କ ଗହଣରେ ଅତିଥିମାନେ ।

# ୪୧ ବର୍ଷରେ ରାୟଗଡ଼ାର ଦକ୍ଷିଣ କାଳୀପୂଜା

**ସାବରି ତନ୍ତ୍ର ପ୍ରଥାରେ ପୂଜା ପାଆନ୍ତି ମା' କାଳୀ**

ରାୟଗଡା, ୧୩।୧୧ (ଭାଗ୍ୟଶ୍ରୀ ମିଶ୍ର )
ରାୟଗଡ଼ା ସହରରେ ମା' କାଳୀଙ୍କ ପୂଜା ଦଶମହାବିଦ୍ୟା ଉତ୍ସବ-୨୦୨୩ ବହୁ ଆଡମ୍ବର ସହକାରେ ପାଳନ କରାଯାଉଛି । ଫ୍ରେଣ୍ଡସ ୟୁଥ ଆସୋସିଏଶନ ଆନୁକୂଲ୍ୟରେ ବ୍ଲକ୍ କଲୋନୀସ୍ଥିତ କାଳୀପୂଜା ମଣ୍ଡପରେ ଏହି ପୂଜା ୧୧ଦିନ ଧରି ଚାଲିବ । ଚଳିତ ବର୍ଷ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ କାଳୀପୂଜା ୪୧ତମ ବର୍ଷରେ ପଦାର୍ପଣ କରିଛି । ଜଗଜ୍ଜନନୀ ମା' କାଳୀଙ୍କ ଦଶମହାବିଦ୍ୟା ଉତ୍ସବ ଦୀପାବଳି ମଧ୍ୟରାତ୍ରରୁ ଆରମ୍ଭ ହୋଇ ଆସନ୍ତା ୨୨ ତାରିଖରେ ଶେଷ ହେବ । ରାୟଗଡ଼ା କାଳୀପୂଜାର ବିଶେଷ ସ୍ୱତନ୍ତ୍ରତା ହେଲା ଏଠାରେ ମା' ଦକ୍ଷିଣକାଳୀ ସାବରି ତନ୍ତ୍ର ପ୍ରଥାରେ ପୂଜା ପାଇଥାନ୍ତି ।

ସୁନ୍ଦର ଆକର୍ଷଣୀୟ ତୋରଣ, ସୁସଜ୍ଜିତ ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ କଟକ ଜିଲା କାରିଗରଙ୍କ ହାତରେ ନିର୍ମିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବେଶ୍ ଆକର୍ଷଣୀୟ ହୋଇଛି । ରବିବାର ସକାଳୁ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ମଣ୍ଡପ ସାଲାସୁଦ୍ଧି,ଆବାହନ ଓ ବିଲ୍ୱବରଣ, କଳସ ଆବାହନ ପୂଜା ହୋଇଥିଲା । ସୋମବାରରେ ମା' ଗୁରୁତାରାଙ୍କ ପୂଜା ବିଧି ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ମା' ତ୍ରିପୁରା ସୁନ୍ଦରୀ ପୂଜା, ବୁଧବାର ମା ଭୁବନେଶ୍ୱରୀ, ଗୁରବାର ମା' ତ୍ରିପୁରା ଭୈରବୀ, ଶୁକ୍ରବାର ଛିନ୍ନମସ୍ତା, ଶନିବାର ଧୂମାବତୀ, ରବିବାର ବଗଳାମୁଖୀ, ସୋମବାର ମାତାଙ୍ଗନୀ, ମଙ୍ଗଳବାର ମା କମଳାମ୍ବିକା ଓ ଶେଷ ଦିନ ବୁଧବାର ବାଲ୍ୟ କୁମାରୀ ବିଧିରେ ପୂଜା ପାଇବେ ମା' । ୨୨ରେ ପୂର୍ଣ୍ଣାହୁତି ହୋଇ ଉତ୍ସବ ସମାପନ ହେବ ଏବଂ ୨୩ ତାରିଖ ସକାଳ ୯ଟାରେ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ସାଧାରଣ ସମ୍ପାଦକ ତଥା କର୍ତ୍ତା ଶିବ ପଟ୍ଟନାୟକ କହିଛନ୍ତି । ରାୟଗଡ଼ା ଏକ ଆଦିବାସୀ ମାଳ ଅଞ୍ଚଳ ହୋଇଥିବାରୁ ଦେବୀମାନଙ୍କୁ ପ୍ରକୃତି କୋଳରେ ପୂଜା କରିବାର ପ୍ରଥା ରହିଥିବା ସେ କହିଛନ୍ତି । ଫ୍ରେଣ୍ଡସ ୟୁଥ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି କାଳୀପୂଜା ପାଇଁ ପ୍ରାୟ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ବଜେଟ ରଖାଯାଇଛି । ଜିଲାର ଏହି ପ୍ରସିଦ୍ଧ ଓଡିଶା ସମେତ ପଡୋଶୀ ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ମା'ଙ୍କୁ ଦର୍ଶନ ପାଇଁ ପ୍ରତିଦିନ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି ।



ଫ୍ରେଣ୍ଡସ ୟୁଥ ଆସୋସିଏଶନ ପକ୍ଷରୁ ପୂଜା ପାଉଥିବା ମା' କାଳୀ ।

ଚଳିତ ବର୍ଷ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ମିନାବଜାର ଆୟୋଜନ କରାଯାଇଛି । ପ୍ରତିବର୍ଷ ବ୍ଲକ୍ କଲୋନୀଠାରେ ମିନାବଜାର ଲଗାଯାଉଥିବା ବେଳେ ଚଳିତ ବର୍ଷ ଭିଡକୁ ନିୟନ୍ତ୍ରଣ ପାଇଁ ହୋଟେଲ ତେଜସ୍ୱୀ ପଡିଆଠାରେ ଏଗୁଡିକୁ ଲଗାଯାଇଛି । ଫଳରେ କାଳୀପୂଜା ମଣ୍ଡପ ରାସ୍ତାରେ ଭିଡ ବହୁ ପରିମାଣରେ ହ୍ରାସ ପାଇଥିବା ଆସୋସିଏଶନ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ କହିଛନ୍ତି । ଏପରିକି ଭିଡ ନିୟନ୍ତ୍ରଣ ପାଇଁ ସିସିଟିଭି ବ୍ୟବସ୍ଥା ମଧ୍ୟ କରାଯାଇଛି । ଆସୋସିଏଶନ ସଭାପତି ଦିଲୀପ ପଟ୍ଟନାୟକ, ଉପସଭାପତି ଶିବାଜୀ ଦାସ, ସମ୍ପାଦକ ରାମପୁରି ଗଣେଶ, ସାଂଗଠନିକ ସମ୍ପାଦକ ଜଗନ୍ନାଥ ପ୍ରସାଦ ରାଇଗୁରୁ, ପ୍ରସନ୍ନ କୁମାର ରାଓ, କୋଷାଧ୍ୟକ୍ଷ ଗୌରୀ ପଟ୍ଟନାୟକଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ଏସ.ରଘୁରାମଣା,ଅମୀୟ ସ୍ୱାଇଁ,କଲ୍ୟାଣୀ ଆଚାରୀଙ୍କ ସମେତ ଅନ୍ୟ ସଭ୍ୟମାନେ ଉତ୍ସବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରଛନ୍ତି । ଜଲା ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ସହ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିବା ଉପସଭାପତି ଶିବାଜୀ ଦାସ କହିଛନ୍ତି ।

## ସଂକ୍ଷେପରେ

### ଗ୍ରାମ ନିକଟରେ ଭାଲୁ, ଲୋକେ ଭୟଭୀତ

**ପାପଡ଼ାହାଣ୍ଡି,୧୩।୧୧ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମିରିଗୁଡା ଗ୍ରାମ ନିକଟରେ ସୋମବାର ଏକ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଭାଲୁକୁ ଜନବସତି ନିକଟରେ ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ତେବେ ଭାଲୁଟି କାହାର କିଛି କ୍ଷତି କରି ନ ଥିବାବେଳେ ଲୋକଙ୍କ ପାଟି ଶୁଣି ସେ ନିକଟସ୍ଥ ଜଙ୍ଗଲ ଆଡ଼କୁ ଚାଲି ଯାଇଥିବା ଜଣାପଡ଼ିଛି। ରାତିରେ ଭାଲୁ ପୁଣି ଗ୍ରାମ ଆଡ଼କୁ ଆସିବା ଆଶଙ୍କାରେ କରି ଲୋକେ ଏବେ ଡରରେ। ବନ ବିଭାଗ ଭାଲୁକୁ ଘଉଡ଼ାଇବାକୁ ଲୋକେ ଦାବି କରିଛନ୍ତି। ସୂଚନା ମୁତାବକ ଅପରାହ୍ନ ୫ଟାରେ ନିକଟସ୍ଥ ଜମିରେ ଭାଲୁ ବୁଲୁଥିବା ଲୋକେ ଦେଖିଥିଲେ। ଜମିରେ ଧାନ କାଟୁଥିବା ଲୋକେ ଭାଲୁକୁ ଦେଖି ଦୌଡ଼ି ପଳାଇଥିଲେ।



ପ୍ରତେକ ବର୍ଷ ଭାଲୁ ଆକ୍ରମଣରେ ବହୁତ ଲୋକ ଶିକାର ହେଉଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

### ଟ୍ରାକ୍ଟରରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର

**କୋଷାଗୁମୁଡ଼ା, ୧୩।୧୧(ପ୍ରସାଦ ବିଷୋୟୀ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଅଧୀନ କୋଷାଗୁମୁଡା-କୋଡ଼ିଙ୍ଗା ମୁଖ୍ୟରାସ୍ତା ନୂଆବନ୍ଧ ନିକଟରେ ଟ୍ରାକ୍ଟର ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବିଏମ୍ ସେମଳା ପଞ୍ଚାୟତ ଦୂରାଗାଁ ଗ୍ରାମର ବାଇକ ଆରୋହୀ ଚନ୍ଦ୍ର ମାଝି (୨୫)। ମିଳିଥିବା ସୂଚନାନୁଯାୟୀ ଦୂରାଗାଁ ଗ୍ରାମର ଚନ୍ଦ୍ର ମାଝି ଓ ଚନ୍ଦ୍ରସେନା ମାଝି ବାଇକ୍ (ଓଡି-୧୦ପି-୭୩୮୫) ଯୋଗେ ରବିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ କୋଷାଗୁମୁଡ଼ା-କୋଡ଼ିଙ୍ଗା ମୁଖ୍ୟ ରାସ୍ତାଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି-୨୪ସି-୪୦୭୮) ନୂଆବନ୍ଧ ରାସ୍ତା ନିକଟରେ ଛିଡ଼ାହୋଇଥିଲା। ଅନ୍ଧାର ରାସ୍ତାରେ ବାଇକଟି ଆସି ଟ୍ରାକ୍ଟରକୁ ପଛପଟୁ ଧକ୍କାଦେଇଥିଲା। ଘଟଣାସ୍ଥଳରେ ଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ଚନ୍ଦ୍ରସେନାଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହାପରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କୋଷାଗୁମୁଡ଼ା ପୋଲିସ ୧୬୮/୨୩ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୋଷାଗୁମୁଡ଼ା ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କୋଷାଗୁମୁଡ଼ା ଥାନା ଏଏସ୍ଆଇ ରାମଚନ୍ଦ୍ର କୋଣ୍ଡାଗିରି ସୂଚନା ଦେଇଛନ୍ତି।

### ସହସ୍ରାର୍ଜୁନ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଡାବୁଗାଁ, ୧୩।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡ଼ାବୁଗାଁ ବ୍ଲକ ସଦରମହକୁମା ନୂଆଗୁଡାସ୍ଥିତ କଲାର ସମାଜ ଭବନରେ ଜିଲା କଲାର ସମାଜ ପକ୍ଷରୁ କୂଳଦେବତା ଭଗବାନ ସହସ୍ରାର୍ଜୁନଙ୍କ ଜନ୍ମ ଜୟନ୍ତୀ ଓ ନୂଆଁଖାଇ ଭେଟଘାଟ ନିମନ୍ତେ ପ୍ରସ୍ତୁତି କରାଯାଇଛି। ଜିଲା ସଭାପତି ରାମନାଥ କଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କିପରି ଉକ୍ତ ଦିବସକୁ ସୁରୁଖୁରୁରେ ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା। ଚଳିତ ମାସ ୧୯ ତାରିଖରେ ଡାବୁଗାଁରେ ଉକ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା ସମ୍ପାଦକ ତ୍ରିଲୋଚନ ପାଣ୍ଡେ, ସହସମ୍ପାଦକ ଦୁର୍ଜନ କଲାର, କଳିଙ୍ଗ କଲଚୁରୀ ସେନା ସଭାପତି କୈଳାସ ଚନ୍ଦ୍ର ମାଝି, ଡାବୁଗାଁ ବ୍ଲକ କଲାର ସମାଜ ସଭାପତି ରଘୁନାଥ କଲାର, ସମ୍ପାଦକ କେଶବ କଲାରଙ୍କ ସମେତ କଲାର ସମାଜ କର୍ମକର୍ତ୍ତା ରଘୁନାଥ ମହନ୍ତ, ପ୍ରେମାନନ୍ଦ ଭଗେଲ, ଜଗଦୀଶ କଲାର, ରଘୁ କଲାର, ରାମସିଂ କଲାର, ପରଶୁରାମ କଲାର, କୃଷ୍ଣଚନ୍ଦ୍ର କଲାର, ଭଗବାନ କଲାର, ତୁଳା ବିଷୋୟୀ, ସହଦେବ କଲାର, ହିରନଧର ବିଷୋୟୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଘର ଦେବାକୁ ଜିଲାପାଳଙ୍କୁ ଜଣାଇଲେ ୧୮୬ ହିତାଧିକାରୀ



ସହାୟତା ପାଇଥିବା ହିତାଧିକାରୀଙ୍କ ସହ ଅଧିକାରୀମାନେ।

**ତେନ୍ତୁଳିଖୁଣ୍ଟି, ୧୩।୧୧(ଚିଦାନନ୍ଦ ସାହୁ)**

### ତେନ୍ତୁଳିଖୁଣ୍ଟି ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ନବରଙ୍ଗପୁର ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ସୋମବାର ତେନ୍ତୁଳିଖୁଣ୍ଟି ବ୍ଲକରେ ଅଭିଯୋଗ ଶୁଣାଣି ଶିବିର କରିଛନ୍ତି। ଅଭିଯୋଗ ଶୁଣାଣିରେ ସମୁଦାୟ ୨୧୧ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୯୩ଟି ବ୍ୟକ୍ତିଗତ ୧୮ଟି ଗୋଷ୍ଠୀଗତ ସମସ୍ୟା ଥିଲା। ସମସ୍ତ ଅଭିଯୋଗ ମଧ୍ୟରୁ ୧୮୬ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇଦେବାକୁ ନିବେଦନ ଥିଲା। ଅଭିଯୋଗର ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୧୦ଜଣ ମଧୁବାବୁ ପେନସନ, ୧୦ ବାଣୀଶ୍ରୀ ଯୋଜନା ହିତାଧିକାରୀଙ୍କୁ ସହାୟତା ଦିଆଯାଇଛି। ୩ଜଣଙ୍କୁ ଟ୍ରାଇ ସାଇକଲ, ଜଣଙ୍କୁ ବସ୍ ପାସ, ୧୦ ଜଣଙ୍କୁ ଆଶା ବାଡ଼ି ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଏସ୍‌ପି ରୋହିତ ବର୍ମା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ସିଡିଏମ୍ଓ କାଳୀ ପ୍ରସାଦ ବେହେରା, ଡିଇଓ ପ୍ରଦୀପ ନାଗ, ବିଡିଓ ମନୋଜ ପାଣିଗ୍ରାହୀ, ତହସିଲଦାର ଅଶୋକ ମୁଦୁଲି, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସୁଧାଂଶୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକରେ ବହୁ ଯୋଗ୍ୟ ହିତାଧିକାରୀ କୌଣସି ଯୋଜନାରେ ଘର ପାଇ ନ ଥିବା ସତ୍ତ୍ୱେ ସେମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ପ୍ରତିଶ୍ରୁତି ମିଳୁଛି ଆଗାମୀ ତାଲିକାରେ ପ୍ରାଥମିକତା ଭିତ୍ତିରେ ଦିଆଯିବ କିନ୍ତୁ ଫଳ ଶୂନ। ସେଥିପାଇଁ ଅଭିଯୋଗ ଶୁଣାଣି ଶିବିରରେ ଘର ପାଇଁ ୧୬୨ଅଭିଯୋଗ ହସ୍ତଗତ ହୋଇଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ବାପୁଜୀ ହାଇସ୍କୁଲ ଛାତ୍ରୀଛାତ୍ର ପୁରସ୍କୃତ

**ତେନ୍ତୁଳିଖୁଣ୍ଟି, ୧୩।୧୧(ଚିଦାନନ୍ଦ ସାହୁ)**

### ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଏବଂ ଗାଇଡ୍ ସାଂସ୍କୃତିକ ଫ୍ୟୁଜନ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍କାଉଟ୍ ଓ ଗାଇଡ୍ ଟିମ୍ ବ୍ୟକ୍ତିଗତ ଓ ଗୋଷ୍ଠୀବର୍ଗରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ କଲ୍‌ଚରାଲ ଫ୍ୟୁଜନ୍‌ରେ ସଫଳତା ହାସଲ କରିଛନ୍ତି। ତେନ୍ତୁଳିଖୁଣ୍ଟି ବାପୁଜୀ ଉଚ୍ଚ ବିଦ୍ୟାଳୟର ୧୨ ଛାତ୍ର ଓ ୧୧ ଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ଗାଇଡ୍ କ୍ୟାପ୍‌ଟେନ ଜ୍ଞାନଜ୍ୟୋତି ମହାନ୍ତି ଓ ସ୍କାଉଟ୍‌ର ହିମାଂଶୁ ବାରିକଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମରେ ସେମାନେ ଭାଗ ନେଇଥିଲେ। ସେଠାରେ ଫୁଡ୍ ପ୍ଲାଜା ବ୍ୟକ୍ତିଗତ ବର୍ଗରେ ପ୍ରିୟଙ୍କା ମହାପାତ୍ର ସ୍ୱର୍ଣ୍ଣ ଓ ଶ୍ରୀକାନ୍ତ ପଟ୍ଟନାୟକ ରୌପ୍ୟ ପଦକ ହାସଲ କରିଛନ୍ତି। ଗୋଷ୍ଠୀଗତ ବର୍ଗର ଫିଜିକାଲ ଡିସ୍‌ପ୍ଲେରେ ପ୍ରଥମ ଓ ଗ୍ରୁପ୍ ଡ୍ୟାନ୍ସରେ ଦ୍ୱିତୀୟ ହୋଇ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ବର୍ଗର ବକ୍ତୃତା ପ୍ରତିଯୋଗିତାରେ ନିହାର ରଞ୍ଜନ ପାଣିଗ୍ରାହୀ ସ୍ୱର୍ଣ୍ଣ ଓ ଶ୍ରୀକାନ୍ତ ପଟ୍ଟନାୟକ ରୌପ୍ୟ ପାଇଛନ୍ତି। ନେହା ବାଗ ଓ ଲିଲି ମାଝି ଡ୍ୟାନ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ପ୍ରତିମା ସାନ୍ତା, ପ୍ରିୟଙ୍କା ଚାଲାଣ, ଦେବକୀ ଚାଲାଣ ରୌପ୍ୟ ପଦକ ହାସଲ କରିଛନ୍ତି। କୃତୀ ଗାଇଡ୍ ଓ ସ୍କାଉଟ୍ ଛାତ୍ରୀଛାତ୍ର ଭୁବନେଶ୍ୱରରୁ ଫେରିବା ପରେ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟି ବାପୁଜୀ ଉଚ୍ଚ ବିଦ୍ୟାଳୟର ଏହି ସଫଳତା ପାଇଁ ଜୟ ତେନ୍ତୁଳିଖୁଣ୍ଟି ଗ୍ରୁପ୍, ତେନ୍ତୁଳିଖୁଣ୍ଟି ସରପଞ୍ଚ ଟଭା ନାୟକ, ସମିତି ସଭ୍ୟ ମଧୁସ୍ମିତା ପାଣିଗ୍ରାହୀ ଶୁଭେଚ୍ଛା ଜଣାଇଛନ୍ତି।




ଭୁବନେଶ୍ୱରରୁ ଫେରିବା ପରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ବୈଠକ

**ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)**

ଜୟପୁର ଯାଦବ ଭବନଠାରେ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର କୋରାପୁଟ ଜିଲା କମିଟି ବୈଠକ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ରେ ଦେଶର ସମସ୍ତ ଜିଲାର ଜିଲାପାଳଙ୍କ ଜରିଆରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଇପିଏଫ୍ ପେନ୍‌ସନର୍ସମାନଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ମାସିକ ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କା କରିବା, ପେନ୍‌ସନ ସହ ଡିଏ ସାମିଲ୍ କରିବା, ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା, ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ବର୍ଦ୍ଧିତ ପେନ୍‌ସନ ଲାଗୁ କରିବା ଆଦି ରହିଛି। ଡିସେମ୍ବର ୧୨ରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୩୦ ଜଣ ଯୋଗଦେବେ। ବୈଠକରେ ଉମା ଚରଣ ରଥ, ପ୍ରମୋଦ ମହାନ୍ତି, ଜି. ପ୍ରସାଦ ରାଓ, ପି. ଗୋବିନ୍ଦ ରାଓ,ଏସ୍ ପଟ୍ଟନାୟକ, ପି.ରାମାରାଓ,ଏଭିଏନ୍ ରାଓ, ଦଣ୍ଡପାଣି ପାତ୍ର, କୈଳାସ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ହତ୍ୟା, ଅପହରଣ ଧମକ ଦେଇ ଟଙ୍କା ମାଗିବା ଅଭିଯୋଗ

**ନବରଙ୍ଗପୁର,୧୩।୧୧(ସଦାଶିବ ପ୍ରହରାଜ)**

### ୫ ଗିରଫ

ଠିକାଦାରଙ୍କୁ ଫୋନ କରି ଅପହରଣ ଓ ହତ୍ୟା ଭଳି ଧମକ ଦେଇ ବଟି ମାଗିବା ଅଭିଯୋଗରେ ନବରଙ୍ଗପୁର ଆଦର୍ଶ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଅଞ୍ଚଳର ଆକାଶ ହରିଜନ, ବିପ୍ଳବ ନାୟକ, ତୁଫାନ ସଗରିଆ, ରାହୁଲ କୁମାର ବାଘେଲ ଓ ରାନୁ ସୁନା। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନବରଙ୍ଗପୁର ପୋଲିସ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି।

କୁକୁଡାବାଇ ଗ୍ରାମର ଜଗବନ୍ଧୁ ଜାନୀ ଓ ତାଙ୍କ ସାଙ୍ଗ ଉମାଶଙ୍କର ଯୋଶୀ କବାଗୁଡା ଛକରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏକ ଶିଳ୍ପ ପାର୍କ କାମ କରୁଛନ୍ତି। କିଛିଦିନ ତଳେ ଜଗବନ୍ଧୁଙ୍କୁ କେହି ଫୋନ କରି ୩ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ତାଙ୍କ ନାତୁଣୀଙ୍କୁ ଅପହରଣ କରିବାକୁ ଧମକ ଦେଇଥିଲେ। ସେହିପରି ଉମାଶଙ୍କରଙ୍କୁ ଫୋନ କରି ହତ୍ୟା ଧମକ ଦେଇ ୨ ଲକ୍ଷ ଟଙ୍କା ବଟି ମଗାଯାଇଥିଲା। ଏ ନେଇ ୧୦ ତାରିଖରେ ଜଗବନ୍ଧୁ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୪୬୧/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନବରଙ୍ଗପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଏସ୍‌ଡିପିଓ ଡଃ.ଚନ୍ଦ୍ରଶେଖର ହୋତା, ଥାନାଧିକାରୀ ସମ୍ବିତ ବେହେରା, ଏସ୍ଆଇ ଦେବାଶିଷ ସାହୁ, ଏସ୍ଆଇ ସବିର ଅହମ୍ମଦ, ଏଏସ୍ଆଇ ତୁଳାରାମ ପୂଜାରୀ ସାଇବର ସେଲ ସହାୟତାରେ ତଦନ୍ତ କରିଥିଲେ। ଘଟଣାରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବାଜାଣି ସେମାନଙ୍କୁ ଗିରଫ କରାଯାଇଛି। ତେବେ ସେମାନେ ଅନ୍ୟ କେଉଁ ମାମଲାରେ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଚାଲିଥିବା ପୋଲିସ କହିଛି।

# ଘଟଣାର ତଦନ୍ତ କଲେ ଡିଇଓ

**ତେନ୍ତୁଳିଖୁଣ୍ଟି, ୧୩।୧୧(ଚିଦାନନ୍ଦ ସାହୁ)**

### ନିଶାସକ୍ତ ଅବସ୍ଥାରେ କିରାଣି ଆସୁଥିବା ଅଭିଯୋଗ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ବିଇଓ କାର୍ଯ୍ୟାଳୟର ଜଣେ କିରାଣି ଦୈନିକ ନିଶାସକ୍ତ ଅବସ୍ଥାରେ ଆସୁଛନ୍ତି। ଏଥିସହ ସେ ନିଜ କାମ ଠିକ୍‌ଭାବେ କରୁ ନ ଥିବା ନେଇ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଅଭିଯୋଗ କରିଥିଲା। ତାଙ୍କ ଅଭିଯୋଗ ପ୍ରକାରେ ଡିଇଓ ପ୍ରଦୀପ କୁମାର ନାଗ ସୋମବାର ବ୍ଲକ ଅଫିସକୁ ଯାଇ ଘଟଣାର ତଦନ୍ତ କରିଛନ୍ତି।

କିରାଣୀ ଜଣଙ୍କ ନିଜ ଇଚ୍ଛାରେ କାମ କରୁଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ମାନଙ୍କର ଫାଇଲ ମାସମାସ ଧରି ପଡ଼ି ରହୁଥିବା ନେଇ ଅଭିଯୋଗ ହୋଇଛି। ଗତ ଛଅ ତାରିଖରେ ବିଇଓ ଅଫିସ ଯାଇ ସମ୍ପୃକ୍ତ କିରାଣୀଙ୍କୁ ପେନସନ କାଗଜପତ୍ର ସମ୍ପର୍କରେ ପଚାରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ଦୁର୍ବ୍ୟବହାର କରିଥିଲେ ବୋଲି ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଚରଣ ବିଷୋୟୀ ଅଭିଯୋଗ କରିଛନ୍ତି। କାମ କରିପାରିବି ନାହିଁ ବୋଲି କିରାଣୀ ଜଣଙ୍କ ରୋକ୍‌ଠୋକ୍ ମନା କରିବା ସହ ଯାହାକୁ ଜଣାଇବାର ଅଛି ଜଣାନ୍ତୁ ବୋଲି କହିଥିବା ନେଇ ଭବାନୀ ଜଣାଇଛନ୍ତି। ଏହାପରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଲିଖିତ ଅଭିଯୋଗ କରିଥିଲେ। ଡିଇଓ ଆସି ତଦନ୍ତ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ ମୋହନ ମଧୁସୂଦନ ବାଘ କହିଛନ୍ତି।

### ତୀରନ୍ଦାଜୀ, ପର୍ବତାରୋହଣ ପ୍ରତିଯୋଗିତା ନେଇ ବୈଠକ

**କୋରାପୁଟ,୧୩।୧୧(ଅମିତାଭ ବେହେରା)**

କୋରାପୁଟ ଜିଲା ପୋଲିସ କାର୍ଯ୍ୟାଳୟ ସଭାଗୃହରେ ପରବ-୨୦୨୩ ଉତ୍ସବ ପାଳନ ଅବସରରେ ହେବାକୁ ଥିବା ତୀରନ୍ଦାଜୀ, ଦେଓମାଳି ପର୍ବତାରୋହଣ ଏବଂ କ୍ରସ୍ କଣ୍ଟ୍ରି ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅଭିନବ ସୋନକରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କୋବ୍ରା, ବିଏସ୍ଏଫ, ଏସ୍ଓଜି, ଆଇଆର୍‌ବିଏନ, ଓଏସ୍ଏପିର ଅଧିକାରୀଙ୍କ ସହ ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଖବରଦାତା ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୮ରେ ସୁନାବେଡ଼ାଠାରେ ତୀରନ୍ଦାଜୀ ପ୍ରତିଯୋଗିତା ହେବ ବୋଲି ଏସ୍‌ପି ସୋନକାର କହିଛନ୍ତି। ପାରମ୍ପରିକ ଖେଳାଳିମାନେ ସେମାନଙ୍କର ଧନୁ ଓ ତୀର ସାଥିରେ ଆଣିବେ। ୧୯ରେ ଦେଓମାଳିଠାରେ ପର୍ବତାରୋହଣ ଓ ୨୦ରେ କୋରାପୁଟ ପୋଲିସ ପରେଡ୍ ପଡ଼ିଆଠାରୁ ୧୦ କି.ମି. ପର୍ଯ୍ୟନ୍ତ କ୍ରସ୍ କଣ୍ଟ୍ରି ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

### ଅନାଥ ଆଶ୍ରମ ଅନ୍ତେବାସୀ ପାଳିଲେ ଦୀପାବଳି



ଥାନାଧିକାରୀ ଓ ଏସ୍‌ଡିପିଓଙ୍କ ସହ ଅନାଥ ଆଶ୍ରମ ଅନ୍ତେବାସୀ।

**ପାପଡ଼ାହାଣ୍ଡି, ୧୩।୧୧ (ସ୍ୱପ୍ନଜିତ ପଟ୍ଟନାୟକ)**

ଆଲୋକର ପର୍ବ ଦୀପାବଳି ରବିବାର ପାଳିତ ହୋଇଛି। ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ କୁମାର ଜେନା ଏବଂ ଏସ୍‌ଡିପିଓ ଆଦିତ୍ୟ ସେନ୍ ନବରଙ୍ଗପୁର ନିକଟସ୍ଥ ମାଝିଗୁଡ଼ାସ୍ଥିତ ଦିନ୍‌ଦୟାଲ ଅନାଥ ଆଶ୍ରମରେ ଦୀପାବଳି ପାଳନ କରିଛନ୍ତି। ସନ୍ଧ୍ୟା ସମୟରେ ସେମାନେ ସେଠାରେ ପହଞ୍ଚିବା ପରେ ଅନ୍ତେବାସୀ ସେମାନଙ୍କୁ ସ୍ୱାଗତ କରିଥିଲେ। ଉପସ୍ଥିତ ୪୫ ଅନ୍ତେବାସୀଙ୍କ ସହ ଥାନାଧିକାରୀ ଓ ଏସ୍‌ଡିପିଓ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ପିଲାମାନଙ୍କୁ ମିଠା ବାଣ୍ଟିବା ସହ ସବୁଜ ବାଣ ଫୁଟାଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ନେଇ ସମୀକ୍ଷା ବୈଠକ

**ଡାବୁଗାଁ, ୧୩।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା, ମୌଳିକ ସାକ୍ଷରତା ଭାଷା ଓ ସଂଖ୍ୟାଜ୍ଞାନ, ପରିବେଶ ପରିଷ୍କାର ପରିଚ୍ଛନ୍ନତା, ମୋ ସ୍କୁଲ ଅଭିଯାନ, ମଧ୍ୟାହ୍ନ ଭୋଜନ ଅନୁଦାନର ବିନିଯୋଗ ଉପରେ ଆଲୋଚନା କରଯାଇଥିଲା। ବୈଠକରେ ଏବିଇଓ ଭଗବାନ ମାଝି ଓ ଦେବରାଜ ଗୋପାଳ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧନଞ୍ଜୟ ବଡ଼ଜେନା, ହେମନ୍ତ ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ପିଙ୍କି କୁମାରୀ ଗୁପ୍ତା, ଗୀତାଞ୍ଜଳୀ ବସ୍ତିଆ, ପ୍ରସନ୍ନ ଦଣ୍ଡସେନା, ବରିଷ୍ଠ ପ୍ରଧାନ ଶିକ୍ଷକ ହରେକୃଷ୍ଣ ବାଡତ୍ୟା, ବିକାଶ ରଞ୍ଜନ ନିଶଙ୍କ, କୃଷ୍ଣଚନ୍ଦ୍ର ପଣ୍ଡା, ରତିକାନ୍ତ ନାୟକ, ବନଲତା ମହାନ୍ତି, ମୋହନସିଂ ଗଣ୍ଡ, ଦୟାନିଧି ବଞ୍ଜାରା ଓ ବ୍ଲକ ଅଧୀନ ପ୍ରତ୍ୟେକ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ବୈଠକରେ ଅଧିକାରୀ ଓ ଉପସ୍ଥିତ ପ୍ରଧାନଶିକ୍ଷକମାନେ।

# ମହିଳାଙ୍କ ସୁରକ୍ଷା ନେଇ ଆଲୋଚନା

### କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ପ୍ରତିରୋଧ ଆଇନ ସଚେତନତା କର୍ମଶାଳା

**ନବରଙ୍ଗପୁର,୧୩।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ମହାବିଦ୍ୟାଳୟରେ କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ପ୍ରତିରୋଧ ଆଇନ ସମ୍ପର୍କରେ ଏକ ସଚେତନତା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଛି। ମହିଳାମାନେ କର୍ମକ୍ଷେତ୍ରରେ କିପରି ସୁରକ୍ଷିତ ଭାବରେ କାର୍ଯ୍ୟ କରିପାରିବେ ଏହା ଏହି କର୍ମଶାଳାର ଉଦ୍ଦେଶ୍ୟ ବୋଲି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ କହିଛନ୍ତି। ମହାବିଦ୍ୟାଳୟର ଯୌନ ନିର୍ଯ୍ୟାତନା ସେଲର ସଂଯୋଜିକା ତଥା ଇତିହାସ ବିଭାଗର ମୁଖ୍ୟ ପ୍ରାଧାପିକା ସଙ୍ଗୀତା ତ୍ରିପାଠୀ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ଡ଼. ନନ୍ଦିତା ମିଶ୍ର କର୍ମକ୍ଷେତ୍ରରେ ହେଉଥିବା ବିଭିନ୍ନ ପ୍ରକାର ଯୌନ ନିର୍ଯାତନା ଓ ଏହାର ପ୍ରତିରୋଧ ବ୍ୟବସ୍ଥା ସଂପର୍କରେ ଆଲୋକପାତ କରିଥିଲେ। ଜୀବ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ଭାନୁମତୀ ସାହୁକାର କାର୍ଯ୍ୟକ୍ରମକୁ ପରିଚାଳନା କରି ଅନୁଷ୍ଠାନର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପକ ଜାହାଙ୍ଗୀର ମହମ୍ମଦ, ଅଧ୍ୟାପକ ଡ଼. ରୁଦ୍ର ମାଝି, ଅଧ୍ୟାପିକା ପ୍ରଣତୀ ମାଝି, ଅଧ୍ୟାପିକା ଶ୍ୱେତାଲିନା ନନ୍ଦ, ଅଧ୍ୟାପିକା ରଜନୀ ମିଞ୍ଜ, ଅଧ୍ୟାପିକା ଅନୁପମା ମାଝି, ଅଧ୍ୟାପିକା ସସ୍ମିତା ବିଶ୍ୱାସରାୟ ପ୍ରମୁଖ ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ନିର୍ମଳା ହିକ୍କା ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ।

## ସଂକ୍ଷେପରେ

### ରୋଗୀ କଲ୍ୟାଣ ସମିତି ବୈଠକ

ମାଲକାନଗିରି, ୧୩।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିପୁଲ ବୈଭବ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟନାରାୟଣ ପାଣିଗ୍ରାହୀ, ମାଲକାନଗିରି ବିଧାୟକ ପ୍ରତିନିଧି ଏସ୍. ମହେଶ୍ୱର, କନିଷ୍ଠ ଯନ୍ତ୍ରୀ ନବଘନ ଖିଲ ଏବଂ ରୋଗୀ କଲ୍ୟାଣ ସମିତିର ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳକ କେ. ମଣ୍ଟୁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ରୋଗୀ କଲ୍ୟାଣ ସମିତି କିପରି ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କିପରି ଉନ୍ନତି କରାଯିବ ସେ ସମ୍ପର୍କରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା। ବିଶେଷକରି କର୍ମଚାରୀଙ୍କ ପାଇଁ ନୂଆ କ୍ୱାର୍ଟର୍ସ, ମେଡିକାଲରେ ଅଧିକ କର୍ମଚାରୀ ନିଯୁକ୍ତି ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା।

### ପୁଷ୍ଟିକର ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତି ପାଇଁ ପୁରସ୍କୃତ

ମାଲକାନଗିରି, ୧୩।୧୧ (ଦୁର୍ଯ୍ୟୋଧନ ପାତ୍ର)

ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ମାଲକାନଗିରି ଜିଲା ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ତମ ପୁଷ୍ଟିକର ମଣ୍ଡିଆ ଜଳଖିଆ ଓ ଖାଦ୍ୟ ପ୍ରସ୍ତୁତି ପାଇଁ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଏହି ଗ୍ରୁପ୍ ମାଣ୍ଡିଆରେ ପ୍ରସ୍ତୁତ ଉନ୍ନତମାନର




ସୁସ୍ୱାଦୁ ଜଳଖିଆ ପ୍ରସ୍ତୁତକରି ବର୍ଷକୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ରୋଜଗାର କରିପାରିଥିବାରୁ ସେଥିପାଇଁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମାଥିଲି ବ୍ଲକ ଗଙ୍ଗା ହରିଜନ ଏସ୍‌ଏଚ୍‌ଜିକୁ ପୁରସ୍କୃତ କରିଛନ୍ତି। ସମ୍ମିଳନୀରେ ମନ୍ତ୍ରୀ ହେମ୍ବ୍ରମ ମାଥିଲି ବ୍ଲକ ଗଙ୍ଗା ହରିଜନ ଏସ୍‌ଏଚ୍‌ଜି ସଭାପତି ଓ ସମ୍ପାଦିକାଙ୍କୁ ସମ୍ମାନିତ କରିଥିଲେ।

# ବ୍ଲକରେ ତାଲା ପକାଇ ବିକ୍ଷୋଭ କଲେ ନିର୍ବାଚିତ ଜନପ୍ରତିନିଧି

ମାଲକାନଗିରି, ୧୩।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ସହ ନିର୍ବାଚିତ ଜନ ପ୍ରତିନିଧି ବିକ୍ଷୋଭ କରିଛନ୍ତି। ମାଲକାନଗିରି ବ୍ଲକରେ ଥିବା କେତେକ ଜନ ପ୍ରତିନିଧିଙ୍କୁ ଅଣଦେଖା କରିବା ସହ ଯେଉଁମାନେ ବିଜୁ ଜନତା ଦଳର ନୁହନ୍ତି ସେମାନଙ୍କ ପ୍ରତି ଅବହେଳା, କୌଣସି ନୂତନ ଓ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଅବଗତ ନ କରିବା, ସେମାନଙ୍କ ମତାମତ ନ ଲୋଡିବା, ବିଭିନ୍ନ ବୈଠକରେ ଜନ ପ୍ରତିନିଧିର ମାନ୍ୟତା ନ ଦେବା ଆଦି ଅଭିଯୋଗ ହୋଇଛି। ଯାହାକୁ ନେଇ ଏହି ଜନ ପ୍ରତିନିଧିମାନେ ସୋମବାର ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ବିଶେଷ କରି ବିଡିଓ ବିଜୁ ଜନତା ଦଳ ବ୍ୟତୀତ ଅନ୍ୟ ଦଳୀୟ ଜନ ପ୍ରତିନିଧିଙ୍କୁ ଗୁରୁତ୍ୱ ଦେଉନଥିବା ଏବଂ କୌଣସି କାର୍ଯ୍ୟ ବିଷୟରେ ଅବଗତ କରାଉନଥିବା ଅଭିଯୋଗ କରାଯାଇଥିଲା। ବିକ୍ଷୋଭ ଯୋଗୁ ବିଡିଓ ପ୍ରଭାତୀ ଝଡିଆ ନିଜ ପ୍ରକୋଷ୍ଠକୁ ଯାଇ ନ ପାରି ବାହାରେ ରହିଥିଲେ। ପରେ ପୋଲିସ ପହଞ୍ଚି ଜନପ୍ରତିନିଧିଙ୍କୁ ବୁଝାଶୁଝା କରି କାର୍ଯ୍ୟାଳୟରୁ ତାଲା ଖୋଲିଥିଲା। ତେବେ ଏନେଇ ବିଡିଓ ପ୍ରଭାତୀ ଝଡିଆ କହିଛନ୍ତି, ଜଣେ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଏପରି କରିବା ଉଚିତ ନୁହେଁ। ସେମାନେ ଆଇନକୁ ହାତକୁ ନେବା ବଦଳରେ ମୋ ସହ କିମ୍ବା ମୋର ଉପରିସ୍ଥ ଅଧିକାରୀଙ୍କୁ ଭେଟି ନିଜର ଅଭିଯୋଗ ଜଣାଇ ପାରିଥାନ୍ତେ। ଏହା ବ୍ୟତୀତ ଏହି ଜନ ପ୍ରତିନିଧିମାନେ ଯାହାବି ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ ମିଥ୍ୟା । ଆମେ ସଦା ସର୍ବଦା ଲୋକଙ୍କ ସମସ୍ୟା ଦୂର କରିବା ପାଇଁ କାର୍ଯ୍ୟ କରୁଛୁ। ତେଣୁ ଆଗକୁ ଯାହାବି ଅଭିଯୋଗ ଅଛି ତାର ସମାଧାନ କରାଯିବ ବୋଲି କହିଥିଲେ। ତେବେ ଏହି ବିକ୍ଷୋଭରେ ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାରଙ୍କ ସହ ଅନ୍ୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



ଜନ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ କରୁଛନ୍ତି ।

# ପୂର୍ବତନ ପ୍ରାଧ୍ୟାପକଙ୍କ ବିୟୋଗରେ ଶୋକସଭା



ପ୍ରାଧ୍ୟାପକ ଶିବାନନ୍ଦ ବେଉରାଙ୍କ ମୃତ୍ୟୁରେ ଆୟୋଜତ ଶୋକସଭା ।

ମାଲକାନାଗିରି, ୧୩।୧୧
(ଦୁର୍ଯ୍ୟୋଧନ ପାତ୍ର/ ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଶିବାନନ୍ଦ ବେଉରାଙ୍କର ଗତକାଲି ରାତ୍ର ୯ଟା ସମୟରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲଠାରେ ହୃଦ୍‌ଘାତରେ ମତ୍ୟୁ ଘଟିଛି। ସେ ମହର୍ଷି ମହାବିଦ୍ୟାଳୟ, ଭୁବନେଶ୍ୱରରେ କାର୍ଯ୍ୟରତ ଥିଲେ। ଏହି ଦୁଃଖଦ ଖବର ପାଇଲା ପରେ ମାଲକାନାଗିରି ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱର୍ଗତ ବେଉରାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସ୍ୱର୍ଗତ ବେଉରା ଜଣେ ଛାତ୍ରବତ୍ସଳ, ଆଦର୍ଶ ଅଧ୍ୟାପକ, ମେଳାପି ଓ ଭଦ୍ରୋଚିତ ବ୍ୟବହାର ଲାଗି ମାଲକାନଗିରି ଅଭିଭାବକ ମହଲରେ ସୁପରିଚିତ ଥିଲେ। ସେ ଜଣେ ପରୋପକାରୀ ସହ ଜଣେ ଆଧ୍ୟାତ୍ମିକ ଚିନ୍ତାରେ ନିଜକୁ ବ୍ରତୀ ରଖିଥିଲେ। ଏହି ଅବସରରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ତାଙ୍କ ବିୟୋଗ କୌଣସି ଶିକ୍ଷାନୁଷ୍ଠାନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଛି ।

# ମାଲକାନଗିରି, ବାଲିମେଳାରେ କାଳୀପୂଜା




ମାଲକାନଗିରି ଓ ବାଲିମେଳାରେ ପୂଜା ପାଉଥିବା ମା' ଶ୍ୟାମାକାଳୀଙ୍କ ପ୍ରତିମୂର୍ତ୍ତି ।

ମାଲକାନଗିରି/ ବାଲିମେଳା, ୧୩।୧୧
(ଦୁର୍ଯ୍ୟୋଧନ ପାତ୍ର/ ଶିବଦତ୍ତ ସାହୁ)

ମାଲକାନଗିରି ଜିଲାରେ ଯାକ ଯମକ ସହ ଦୀପାବଳି ସହ କାଳୀ ପୂଜା ଆରମ୍ଭ ହୋଇଛି। ସଦର ମହକୁମା ସମେତ ବିଭିନ୍ନ ସ୍ଥଳରେ ସ୍ଥାନରେ ମା'ଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛନ୍ତି। ଏହାସହ ବିଭିନ୍ନ କାଳୀ ମନ୍ଦିରଗୁଡିକରେ ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଜିଲାରେ ଥିବା କାଳୀ ପୂଜା ମଣ୍ଡପରେ ଆଲୋକ ମାଳା ସାଜସଜ୍ଜା ଓ ମେଢ କରାଯାଇଥିବା ବେଳେ ମାଙ୍କ ମୂର୍ତ୍ତି ରଖି ପୂଜା କରାଯାଇଛି। ବଙ୍ଗୀୟ ପରମ୍ପରାର ଲୋକେ ଏହି କାଳୀ ପୂଜାକୁ ଏକ ବଡ ପର୍ବ ଭାବେ ପାଳନ କରୁଥିବା ବେଳେ ବିଭିନ୍ନ ବଙ୍ଗୀୟ ଲୋକେ ରହୁଥିବା ଗ୍ରାମଗୁଡିକରେ ମଧ୍ୟ ଉତ୍ସାହର ସହ ମାଙ୍କ ପୂଜା କରାଯାଉଛି ।

ସେହିପରି ବାଲିମେଳା ସହର କାଳୀଛକରେ ରବିବାର ମା' ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହୋଇଛି । ପୂର୍ବାହ୍ନ ୧୧ଟାରେ ବାଲିମେଳା ସହର ନିକଟ ଚିତାପାରି ନଦୀରୁ ଭକ୍ତମାନେ କଳସ ଶୋଭାଯାତ୍ରା କରି ନଗର ପରିକ୍ରମା କରିଥିଲେ। ଏହାପରେ ମା'କାଳୀଙ୍କ ମଣ୍ଡପରେ କଳସ ସ୍ଥାପନ କରାଯିବା ସହ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ରବିବାର ରାତି ପ୍ରାୟ ୧୧ଟାରେ ମା'ଙ୍କ ପୂଜାର୍ଚ୍ଚନା ଓ ହୋମ କରାଯାଇଥିଲା। ମହାଦୀପ ଉଠିବା ପରେ ପୂଜା ସମ୍ପନ୍ନ ହୋଇଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘ ୪୯ ବର୍ଷ ଧରି ବାଲିମେଳା ସହରର କେବଳ ଗୋଟିଏ ସ୍ଥାନ କାଳୀଛକରେ ପ୍ରତିବର୍ଷ ଏହି ପୂଜା ପାଳିତ ହୋଇ ଆସୁଛି। ଏଣୁ ଏହି ପୂଜା ଦେଖିବାକୁ ବାଲିମେଳା ସହର ସମେତ ଜିଲାର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ଭିଡ଼ ଜମିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ପୂଜାକୁ ବାଲିମେଳା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ପୂଜା କମିଟି ସଭାପତି ବସନ୍ତ କୁମାର ପାତ୍ର, ସୁରେନ୍ଦ୍ର ପାତ୍ର, କମଳା ନାୟକ, ଉତ୍ତମ ଓଝା, ପୂର୍ଣ୍ଣ ଚନ୍ଦ୍ର ମୁଦୁଲି, ପ୍ରଭାକର ସାହୁ, ଦୀପକ କୁମାର ସାହୁ, ଶରତ ଚନ୍ଦ୍ର ପାଢ଼ୀ, ପୁରସ୍ତମ ମୁଦୁଲି, ଅକ୍ଷୟ ମହାରଣା ଓ ମହେନ୍ଦ୍ର ବେହେରାଙ୍କ ସମେତ କାଳୀଛକ ବଣିକ ସଂଘ ସଭାପତି ବିଜୟ କୁମାର ଦାସ ଓ ସମସ୍ତ ବ୍ୟବସାୟୀ ମାନେ ପରିଚାଳନା କରୁଛନ୍ତି। ସେହିପରି କୋରୁକୋଣ୍ଡା ବ୍ଲକ ଚିତାପାରି –୩ ପଞ୍ଚାୟତ ଏମ୍‌ଭି–୧୦୯, ତାରଲାକୋଟା ପଞ୍ଚାୟତର ଏମ୍‌ଭି–୫୨ଗ୍ରାମରେ କାଳୀ ପୂଜା ଆରମ୍ଭ ହୋଇଛି। ପୂଜାକୁ ଦୃଷ୍ଟିରେ ରଖି ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ପକ୍ଷରୁ ପୂଜା ମଣ୍ଡପ ଓ ସହରର ବିଭିନ୍ନ ସ୍ଥାନରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯିବା ସହ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ୯ ପଞ୍ଚାୟତ ବ୍ୟାଙ୍କ ସେବା ପାଇଁ ହଇରାଣ, ଏଟିଏମ୍ ଖୋଲିବାକୁ ଦାବି

ଚିତ୍ରକୋଣ୍ଡା, ୧୩।୧୧ (କ୍ଷୀରୋଦ ବେହେରା)

**ସ୍ୱାଭିମାନ ଅଞ୍ଚଳ**

ଆନ୍ଧ୍ର ଓଡିଶା ସୀମାନ୍ତ ଆଦିବାସୀ ବହୁଳ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ୯ ପଞ୍ଚାୟତ ଯଥା ଯନ୍ତ୍ରୀ, ଅଣ୍ଡିରାପାଲି, ଗାଜୁଲୁମାମୁଡ଼ି, ପଣସପୁଟ, ଯୋଡ଼ାମ୍ବ, ପାପରମେଟେଲା, ରାଲେଗାଡ଼ା, ଧୂଳିପୁଟ ଓ ବଡ଼ପଡ଼ାର ୧୫୧ ଗାଁର ହଜାର ହଜାର ଜନସାଧାରଣ ଏବେବି ବ୍ୟାଙ୍କ ସେବା ପାଇଁ ହଇରାଣ ହେଉଛନ୍ତି। ବିଶେଷ କରି ଚିତ୍ରକୋଣ୍ଡାରେ ଥିବା ଷ୍ଟେଟ ବ୍ୟାଙ୍କ ଶାଖା ଓ ଏଚଡିଏଫସି ଶାଖା ଉପରେ ସମସ୍ତ ଜନସାଧାରଣ ନିର୍ଭରଶୀଳ। ଦୂରଦୂରାନ୍ତ ୬୦ ରୁ ୭୦ କି.ମି.ଉଭୟ ଜଳ ଏବଂ ସ୍ଥଳ ପଥ ଦେଇ ବ୍ୟାଙ୍କ ସେବା ପାଇଁ ଆସି ଦିନେ ଦୁଇ ଦିନ ଚିତ୍ରକୋଣ୍ଡା ରହି କାମ ସାରି ଫେରିଥାନ୍ତି । ୯ ମଧ୍ୟରୁ ପ୍ରାୟ ୭ ପଞ୍ଚାୟତର ଜନସାଧାରଣ ବ୍ୟାଙ୍କ ସେବା ପାଇଁ ଚିତ୍ରକୋଣ୍ଡାକୁ ଆସି ହଇରାଣ ହୋଇଥାନ୍ତି । ଉକ୍ତ ଅଞ୍ଚଳରେ ବ୍ୟାଙ୍କ ନା ଲୋକେ ଟଙ୍କା ଉଠାଣ କରିବାକୁ ଅଛି ଏଟିଏମ୍ । କେବଳ କାଁ ଭାଁ ହାତ ଗଣତି ଦୁଇ ତିନି ସ୍ଥାନରେ ଖୋଲିଛି ଗ୍ରାହକ ସେବା କେନ୍ଦ୍ର। ଯାହାକି ଉଚିତ ଏବଂ ଆବଶ୍ୟକ ସେବା ଯୋଗାଇ ଦେଇପାରୁ ନାହାନ୍ତି । ଦୀର୍ଘ ବର୍ଷ ହେବ ସ୍ୱାଭିମାନ ଅଞ୍ଚଳର ଜନସାଧାରଣ ବହୁ ରାଜନୈତିକ ନେତା ଓ ଜିଲା ପ୍ରଶାସନକୁ ଉକ୍ତ ସମସ୍ୟା ଜଣାଇ ଆସିଥିଲେ ମଧ୍ୟ ଆଜି ସୁଧା ହୋଇ ପାରିଲାନି ବ୍ୟାଙ୍କ କିମ୍ବା ଏଟିଏମ୍ ଖୋଲିବାକୁ ସ୍ୱାଭିମାନ ଅଞ୍ଚଳବାସୀ ଦାବି କରିଛନ୍ତି ।

# ସମବାୟ ସପ୍ତାହ ପାଳନ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା



ମାଲକାନଗିର, ୧୩।୧୧ (ଦୁର୍ଯ୍ୟୋଧନ ପାତ୍ର)–ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସମବାୟ ସପ୍ତାହ ପାଳନ ଉପଲକ୍ଷେ ସମବାୟ ନିବନ୍ଧକଙ୍କ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତି ଯୋଗିତାରେ ୮ମ ଶ୍ରେଣୀରୁ ୧୦ ଶ୍ରେଣୀ ନିମନ୍ତେ କନିଷ୍ଠ ଓ ଯୁକ୍ତ ୨ ରୁ ତଦୂର୍ଦ୍ଧ୍ୱ ବରିଷ୍ଠ ବର୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ବର୍ଗରେ ଓଡିଶାର କୃଷି ଓ କୃଷକର ଉନ୍ନତିରେ ସମବାୟ ସମିତିର ଭୂମିକା ସମ୍ବନ୍ଧୀୟ ରଚନା ଓ ଗ୍ରାମାଞ୍ଚଳ ବିକାଶରେ ସମବାୟ ସମିତିର ଭୂମିକା ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିବା ବେଳେ ବରିଷ୍ଠ ବର୍ଗ ନିମନ୍ତେ ଓଡିଶାର ଅର୍ଥନୈତିକ ଅଭିବୃଦ୍ଧିରେ ସମବାୟର ଭୂମିକା ସମ୍ବନ୍ଧୀୟ ରଚନା ଏବଂ ଓଡିଶା ସମବାୟ ଆନ୍ଦୋଳନର ଅତୀତ ଓ ବର୍ତ୍ତମାନ ସମ୍ବନ୍ଧୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଟି ବର୍ଗରେ ମାଲକାନଗିରି ସଦର ମହକୁମାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗ ନିମନ୍ତେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୧୫୦୦, ୧୦୦୦ ଓ ୫୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ବରିଷ୍ଠ ବର୍ଗଙ୍କ ପାଇଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ୨୦୦୦, ୧୫୦୦ ଓ ୧୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ଏହି ପ୍ରତିଯୋଗିତା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ସହକାରୀ ସମବାୟ ନବନ୍ଧକ ବିକାଶ ନାୟକ ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଦିବ୍ୟାଙ୍ଗଙ୍କ ସ୍ପର୍ଶରେ ଅଦରକାରୀ କାଠକୁ ମିଳୁଛି ନୂଆ ପରିଚୟ

ମାଥିଲି, ୧୩।୧୧ (ସୁବାସ ଖୁଡ଼ପିଆ)



ଜନ୍ମରୁ ଦିବ୍ୟାଙ୍ଗ। ହେଲେ ତାଙ୍କ ସ୍ପର୍ଶରେ ମିଳୁଛି ଅଦରକାରୀ କାଠକୁ ନୂଆ ପରିଚୟ। ଘରକରଣା କାଠ ସାମଗ୍ରୀ ପ୍ରସ୍ତୁତ କରି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଉଛନ୍ତି ମାଥିଲି ବ୍ଲକ ସଦର ମହକୁମାର ଜଗନ୍ନାଥ ଓଝା। ବର୍ତ୍ତମାନ ସେ ଯୁକ୍ତ୨ର ଛାତ୍ର । ହାତ ଓ ଗୋଡ଼ର ଆଙ୍ଗୁଠି ମିଶି ଯାଇଥିଲେ ବି କାଠ କାମ କରିବାରେ ସେ ନିପୁଣ। ବାପା କାହ୍ନୁ ଚରଣ ଓଝା ବଢେଇ କାମ କରନ୍ତି। ବାପାଙ୍କ ସହ କାମ କରିବାକୁ ଯାଇ ତାଙ୍କ ପ୍ରେରଣାରେ ସେ ଅଦରକାରୀ କାଠରେ ନୂଆ ନୂଆ ଘରକରଣା ଜିନିଷ ତିଆରି କରିଥାନ୍ତି। ବାପା କାମ କରିବା ବେଳେ ଯେଉଁ ଛୋଟ ଛୋଟ ଅଦରକାରୀ କାଠ ପଡିଥାଏ ତାକୁ ସେ ସଂଗ୍ରହ କରି ରଖିଥାନ୍ତି । ପାଠପଢାରୁ ଟିକିଏ ଫୁରସତ ମିଳିଲେ ଲାଗି ପଡ଼ନ୍ତି ଅଦରକାରୀ କାଠର ନୂଆ ପରିଚୟ ଦେବା ଲାଗି। ଏପର୍ଯ୍ୟନ୍ତ ସେ ଆଲଣା, ସୋଫା, ଡ୍ରେସିଂ ଟେବୁଲ, ଖଟ, ସୋ କେସ୍ ଆଦି ବିଭିନ୍ନ ଘରକରଣା ସାଜସଜ୍ଜା କାମ କରିଛନ୍ତି। ଘରେ ଏଗୁଡ଼ାକୁ ସଜାଇ ରଖିଛନ୍ତି। ତେବେ ଦୃଢ଼ ଇଚ୍ଛା ଶକ୍ତି ଆଗରେ ହାର ମାନିଛି ଆର୍ଥିକ ପରିସ୍ଥିତି। ଅର୍ଥ ଅଭାବରୁ ସେ ବଣ ମଲ୍ଲୀ ବଣରେ ହିଁ ଫୁଟି କି ରହି ଯାଇଛନ୍ତି। ତାଙ୍କୁ ପ୍ରୋତ୍ସାହନ ମିଳିଲେ ସେ ଆଗକୁ ବଢ଼ି ପାରିଥାନ୍ତେ। ଦିବ୍ୟାଙ୍ଗ ହୋଇ ବି ଏପରି କାରୁକାର୍ଯ୍ୟ ନିଶ୍ଚିତ ଭାବରେ ଏକ ଆଶ୍ଚର୍ଯ୍ୟର ବିଷୟ। ସରକାରଙ୍କ ତରଫରୁ ତାଙ୍କୁ ସହଯୋଗ କଲେ ସେ ଆଗେଇ ପାରିଥାନ୍ତେ।

# ଅନାବଶ୍ୟକ ସାମଗ୍ରୀ ଦ୍ୱାରା ମାଛଖାଦ୍ୟ ପ୍ରସ୍ତୁତି କର୍ମଶାଳା

ମାଲକାନଗିରି, ୧୩।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଆତିସ ମହେନ୍ଦ୍ର ମାନେଙ୍କ ଦ୍ୱାରା କୃଷକମାନଙ୍କୁ ଅନାବଶ୍ୟକ ସାମଗ୍ରୀ ଦ୍ୱାରା କିପରି ମାଛଖାଦ୍ୟ ପ୍ରସ୍ତୁତି କରାଯିବ ସେ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକମାନେ କିପରି ଅନାବଶ୍ୟକ ସାମଗ୍ରୀ ଦ୍ୱାରା ଜୈବିକ ପଦ୍ଧତିରେ ମାଛଖାଦ୍ୟ ପ୍ରସ୍ତୁତି କରା ଯିବ ଏହି ଖାଦ୍ୟ ଖାଇବା ଦ୍ୱାରା ମାଛଗୁଡିକ ଶୀଘ୍ର ବଢ଼ିବେ, ସେ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଭି ୩୧, କୋୟାଗୁଡା, ଧୂଳିଗୁଡା ଓ କୋରୁକୋଣ୍ଡା ଆଦି ଗ୍ରାମର କୃଷକମାନେ ଅଂଶଗ୍ରହଣକରି ଏହା କିପରି ପ୍ରସ୍ତୁତ କରାଯିବ ସେ ସମ୍ବନ୍ଧରେ ତାଲିମ ନେଇଥିଲେ। ବର୍ତ୍ତମାନ ମାଛକୁ ଯେଉଁ ଖାଦ୍ୟ ଦିଆଯାଉଛି ତାହା ଦ୍ୱାରା ରୋଗଣା ହୋଇ ମରିଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାଛକୁ ଜୈବିକ ପଦାର୍ଥ ସମ୍ବନ୍ଧୀୟ ଖାଦ୍ୟ ପ୍ରଦାନ କରିବା ପାଇଁ ଏହି ପଦ୍ଧତି ଅବଲମ୍ବନ କରାଯାଇଛି। ଏହି ଜୈବିକ ପଦ୍ଧତିରେ ଉତ୍ପାଦନ ହେଉଥିବା ମାଛ ଖାଇବା ଦ୍ୱାରା କୌଣସି ରୋଗ ହେବନାହିଁ। ମାଛଗୁଡ଼ିକ ଅତିଶୀଘ୍ର ବଢ଼ିପାରିବ ବୋଲି ମାନେ ପ୍ରକାଶ କରିଛନ୍ତି।



ମାଛଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ବିଷୟରେ ଅଧିକାରୀମାନେ ପ୍ରଶିକ୍ଷଣ ଦିଆଯାଉଛି ।



କୋରାପୁଟ ଜିଲା ଦାମନଯୋଡି ସେକ୍ଟର– ୩ ପୂଜା ମଣ୍ଡପରେ ମା' କାଳୀଙ୍କ ପୂଜାର୍ଚ୍ଚନା କରାଯାଉଛି ।

# ଅଭିଯୋଗ ଶୁଣାଣି ପରେ ସ୍ୱଚ୍ଛତା ଗାଡ଼ିର ଶୁଭାରମ୍ଭ

**କାଲିମେଳା ବ୍ଲକ**

କାଲିମେଳା, ୧୩।୧୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜଲା କାଲିମେଳା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏହିଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ବିଶାଲ ସିଂ ଯୋଗଦେଇ ୭୫ ଅଭିଯୋଗ ଶୁଣାଣି କରିଥିଲେ। ଶୁଣାଣି ସମୟରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଏସ୍‌ପି ନିତେଶ ୱାଡ୍‌ୱାନି, ପିଏ ଆଇଟିଡିଏ ଜୟଶ୍ରୀ, ଜିଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଜେନାଙ୍କ ସମେତ କାଲିମେଳା ବ୍ଲକ ଅଧ୍ୟକ୍ଷା ସୁବାସିନୀ ସୋଡ଼ୀ, ବିଡିଓ ପ୍ରଦୀପ କର ଏବଂ ଅନ୍ୟାନ୍ୟ ସମସ୍ତ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣିରେ କାଲିମେଳା ଅଞ୍ଚଳର ରାସ୍ତାଘାଟ ଜମିବାଡି ଧାନ ଫସଲ ନଷ୍ଟ ଇତ୍ୟାଦି ଉପରେ ବିଭିନ୍ନ ଲୋକଙ୍କ ବ୍ୟକ୍ତିଗତ, ସାମୂହିକ ଆଦି ମୋଟ ୭୫ ଅଭିଯୋଗ ଉପରେ ଅବଗତ ହୋଇ ଜିଲାପାଳ ସମାଧାନ କରିଥିଲେ। ଜିଲାପାଳ ଜନ ଶୁଣାଣି ପୂର୍ବରୁ ସ୍ୱଚ୍ଛତା ପାଇଁ ୨୩ ପଞ୍ଚାୟତକୁ ତିନି ଚକିଆ ବ୍ୟାଟେରି ଚାଳିତ ସଚ୍ଛତା ଗାଡ଼ିର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହାୟତାରେ ଗାଡ଼ିଗୁଡିକ ବିଭିନ୍ନ ପଞ୍ଚାୟତ ସଦର ମହକୁମା ସମେତ ଗ୍ରାମାଞ୍ଚଳରେ ଆବର୍ଜନା ଆଣିବ ବୋଲି ସୂଚନା ଦିଆଯାଇଛି ।




ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସ୍ୱଚ୍ଛତା ଗାଡ଼ିର ଶୁଭାରମ୍ଭ କରୁଛନ୍ତି ।

